**ଭାରତୀୟ ଜନତା ପାର୍ଟି**

**ଜାତୀୟ ପରିଷଦ ବୈଠକ**

**୨-୩ ମାର୍ଚ୍ଚ, ୨୦୧୩**

**ତଲକଟରା ଷ୍ଟାଡ଼ିୟମ, ନୂଆ ଦିଲ୍ଲୀ**

**ଅଧ୍ୟକ୍ଷୀୟ ଅଭିଭାଷଣ**

ଦ୍ୱିତୀୟ ଥର ପାଇଁ ଭା.ଜ.ପା ର ଅଧ୍ୟକ୍ଷ ପଦାସୀନ ହେବା ପରେ ଏହା ମୋର ଦେଶର କୋଣ ଅନୁକୋଣରୁ ଆସିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରଥମ ବୈଠକ । ସମସ୍ତଙ୍କ ଉପସ୍ଥିତି ମୋତେ ବିରାଟ ଆନନ୍ଦ ଦେବା ସହ ମୋ ଉପରେ ସେମାନଙ୍କର ଯେଉଁ ଆସ୍ଥା ବା ବିଶ୍ୱାସ ରହିଅଛି ତାହା ମୋତେ ହୃଦବୋଧ କରାଇ ଦେଉଅଛି ।

ବର୍ତ୍ତମାନର ସମୟ ଦୁଇଟି ଗୁରୁତ୍ତର ଘଟଣାର ସାକ୍ଷୀ ଅଟେ । ପ୍ରଥମତଃ ତୀର୍ଥରାଜ ପ୍ରୟାଗର ପବିତ୍ର କୁମ୍ଭ ମେଳା ଓ ଅନ୍ୟଟି ସ୍ୱାମୀ ବିବେକାନନ୍ଦଙ୍କ ୧୫୦ ତମ ଜନ୍ମ ବାର୍ଷିକ । କୁମ୍ଭ କେବଳ ଭାରତ କାହିଁକି ସମଗ୍ର ପୃଥିବୀର ଏକ ବିରାଟ ଉତ୍ସବ । ଏହାର ମହାନତା ଓ ନିରବଚ୍ଛିନ୍ନତା ଜାତିର ଶାଶ୍ୱତ ଇତିହାସର ଏକ ଜାଗ୍ରତ ପ୍ରହରୀ ଅଟେ । ତାହା ବ୍ୟତିତ ୧୮୯୨ ମସିହାରେ ଆମେରିକାର ଚିକାଗୋ ସହରରେ ଏକ ୨୯ ବୟସର ଯୁବକଙ୍କ ଦ୍ୱାରା ଭାରତର ଧର୍ମ ଓ ଦର୍ଶନ ଯେଉଁଭଳି ଭାବରେ ଉପସ୍ଥାପନା କରାଯାଇଥିଲା ତାହା ସମଗ୍ର ବିଶ୍ୱକୁ ଏକ ନୂତନ ଦିଗଦର୍ଶନ ଦେଇଥିଲା । ସେହି ଯୁବକ ଥିଲେ ସ୍ୱାମୀ ବିବେକାନନ୍ଦ । ପଣ୍ଡିତ ଜବାହରଲାଲ ନେହେରୁ ନିଜ ପୁସ୍ତକ ଡ଼ିସକଭରୀ ଅଫ ଇଣ୍ଡିଆର ୩୩୭ ପୃଷ୍ଠାରେ ବିବେକାନନ୍ଦ ଅତୀତର ସ୍ମୃତିକୁ ବିସ୍ମୃତ କରିଥିବା ଭାରତୀୟ ମାନଙ୍କ ପାଇଁ ଏକ ଟନିକ ବା ଖାଦ୍ୟସାର ସଦୃଶ ଆଗମନ କରି ସେମାନଙ୍କ ମନରେ ଦୃଢ଼ ଆତ୍ମ ବିଶ୍ୱାସର ସଂଚାର କରିଥିଲେ ବୋଲି ଲେଖିଥିଲେ ।

ଆଜିର ଯୁବ ସମାଜ ଦେଶକୁ ବିଶ୍ୱ ଦରବାରରେ ଏକ ପ୍ରତିଷ୍ଠିତ ଦେଶ ଭାବରେ ଦେଖିବାକୁ ଆଶା କରନ୍ତି । ଯେପରି ଏକ ଯୁବକ ବିବେକାନନ୍ଦ ଭାରତକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ । ତେଣୁ ମୋ ମତରେ ସେ ହିଁ ଭାରତର ପ୍ରଥମ ଯୁବକ ଯେ କି ବିଶ୍ୱ ଦରବାରରେ

ନିଜର ସୁଚିନ୍ତିତ ମତାମତକୁ ଖୁବ ନିର୍ଭୀକତାର ସହ ଉପସ୍ଥାପନା କରିଥିଲେ । ତେଣୁ ତାଙ୍କୁ ଆଧୁନିକ ଭାରତର ପ୍ରଥମ ବିଶ୍ୱବ୍ୟାପକ ଯୁବକ ବୋଲି ଗ୍ରହଣ କରାଯିବା ଆବଶ୍ୟକ । ଏହି ଅବସରରେ ଦେଶର ସମସ୍ତ ଯୁବ ସମାଜଙ୍କୁ ଏକ ଧାର୍ମିକ ତଥା ଜାତୀୟ ପରିଚୟ ଦେଉଅଛି । ଯାହାକି ଭାଜପାର ରାଜନୈତିକ ଦର୍ଶନ ଓ ଆଦର୍ଶ ଅଟେ ।

ମୌନି ଅମାବାସ୍ୟାର ପବିତ୍ର ଅବସରରେ ମହାକୁମ୍ଭରେ ଅନେକ ତୀର୍ଥଯାତ୍ରୀ ମୃତ୍ୟୁ ବରଣ କରିବା ଓ ହାଇଦ୍ରାବାଦର ବିସ୍ଫୋରଣ ଘଟଣାରେ ଅନେକ ନୀରିହ ଲୋକ ମୃତ୍ୟୁ ବରଣ କରିବା ପାଇଁ ଆମର ସମସ୍ତ କାର୍ଯ୍ୟକର୍ତ୍ତା ଗଭୀର ଶୋକ ବ୍ୟକ୍ତ କରୁଅଛୁ । ଆଜି ଆମ ପାଖରେ ଗୁଜୁରାଟ ବିଧାନ ସଭାରେ ଜିତି ପୁନର୍ବାର ସରକାର ଗଢ଼ିବାର ସୁସମ୍ବାଦ ରହିଅଛି । ୧୯୯୫ ମସିହା ପରଠାରୁ ବି.ଜେ.ପି କ୍ରମାଗତ ଭାବରେ ସେଠାରେ ସରକାର ଗଢ଼ି ଚାଲିଛି ଓ ବର୍ତ୍ତମାନ ଆମର ପ୍ରିୟ ନେତା ଶ୍ରୀ ନରେନ୍ଦ୍ର ଭାଇ ମୋଦି ତୃତୀୟ ଥର ପାଇଁ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭାବରେ ଶାସନ ଭାର ଗ୍ରହଣ କରିବା ମଧ୍ୟ ଖୁବ ଗୌରବମୟ ଘଟଣା । ସେଠାକାର ବି.ଜେ.ପି ଶାସନ ବାସ୍ତବରେ ସମସ୍ତଙ୍କ ପାଇଁ ଏକ ନିଦର୍ଶନ ସଦୃଶ ।

ଆମେମାନେ ଏ ଦେଶର ମୁଖ୍ୟ ବିରୋଧୀ ଦଳର  କାର୍ଯ୍ୟକର୍ତ୍ତା । ତେଣୁ ଜନତାଙ୍କର ଆମ ପାଖରେ ବିରାଟ ଆଶା ଓ ଭରଷା ରହିଛି । ଦେଶର ସାଧାରଣ ଜନତା ଆଜି ଦରଦାମର ଚକ୍ରବ୍ୟୁହରେ ପେଶି ହେଉଥିବା ବେଳେ ଦେଶର ସୀମା ତଥା ଆଭ୍ୟନ୍ତରରେ ବିଭିନ୍ନ ସମସ୍ୟାମାନ ମୁଣ୍ଡ ଟେକି ଉଠିଛି । ଊ.ପା ସରକାର ଉପରେ ଆଜି ସମଗ୍ର ଦେଶ କ୍ରୋଧାନ୍ୱିତ, ବିରକ୍ତ ତଥା ହତାଶ ହୋଇ ଯୋଗ୍ୟ ବିକଳ୍ପ ଖୋଜୁଛନ୍ତି । ଯାହାକୁ ବି.ଜେ.ପି ନେତୃତ୍ୱାଧୀନ ଏନ.ଡ଼ି.ଏ ସରକାର ହିଁ ଦେଇ ପାରିବ । ମାନନୀୟ ଶ୍ରୀ ଅଟଳ ଜୀ ବର୍ତ୍ତମାନ ସକ୍ରିୟ ନଥିବା ବେଳେ ଆମେମାନେ ସମ୍ମାନନୀୟ ନେତା ଶ୍ରୀ ଆଡ଼ଭାନୀଙ୍କ ତତ୍ତ୍ୱାବଧାନରେ, ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମରେ ଓ କିଛି ବରିଷ୍ଠ ନେତାଙ୍କ ସୁଚିନ୍ତିତ ଯୋଜନା ବଳରେ ନିଶ୍ଚିତ ଭାବରେ ସଫଳତାର ଶୀର୍ଷରେ ପହଞ୍ଚି ପାରିବୁ ଏଥିରେ ସନ୍ଦେହର ଅବକାଶ ମାତ୍ର ନାହିଁ ।

**ଦେଶର ବର୍ତ୍ତମାନର ସ୍ଥିତି**

ଦେଶ ଆଜି ଭ୍ରାନ୍ତ ଅର୍ଥନୈତିକ ନୀତି, ଦରଦାମର ବୃଦ୍ଧି, ଭ୍ରଷ୍ଟାଚାର, ଦକ୍ଷତା ବିହୀନ ଶାସନ, ଦିଶାହୀନ ନୀତି ନିୟମ, ବିଫଳ କୂଟନୀତି, ବାହ୍ୟ ତଥା ଆଭ୍ୟନ୍ତରୀଣ ସୁରକ୍ଷାର ଅଭାବ ଆଦି ବିଭିନ୍ନ କାରଣରୁ ଚତୁର୍ଦ୍ଦିଗରୁ ସଙ୍କଟମୟ ଅବସ୍ଥାରେ ଉପନୀତ ।

**ସୁରକ୍ଷା ନେଇ ବିପତ୍ତି**

ଗତ ମାସ ୨୨ ତାରିଖରେ ହାଇଦ୍ରାବାଦରେ ଯେଉଁ ବୋମା ବିସ୍ଫୋରଣ ହୋଇଥିଲା ସେଥିରେ ପ୍ରାୟ ୧୬ ଜଣ ନିରୀହ ଜନତା ପ୍ରାଣ ହରାଇଥିବା ବେଳେ ପ୍ରାୟ ୧୦୦ ଜଣ ଲୋକ ଗୁରୁତର ଭାବରେ ଆହତ ହୋଇଥିଲେ । ମାତ୍ର ନୀରିହ ଜନତା ଆତଙ୍କବାଦର ଶିକାର ହେବା ଘଟଣା ଦେଶରେ ପ୍ରଥମ ଥର ପାଇଁ ଘଟିନାହିଁ । ଆଜି ଦେଶର ପ୍ରାୟ ପ୍ରତ୍ୟେକ ସହର ଆତଙ୍କବାଦୀର ବନ୍ଧୁକ ମୁନ ଆଗରେ ଲକ୍ଷ୍ୟ ସାଜିଅଛି ଓ ଗୋଟିଏ ପରେ ଗୋଟିଏ ଘଟଣା କ୍ରମାନ୍ୱୟରେ ଘଟି ମଧ୍ୟ ଚାଲିଛି । ହେଲେ ୨୬.୧୧ ମୁମ୍ୱାଇ ଆକ୍ରମଣରେ ଧରା ପଡ଼ି କସାବକୁ ଫାଶି ହେବା ଭଳି ଅନ୍ୟ କାହାରିକୁ ଦଣ୍ଡ ବିଧାନ ହେବା ଘଟଣା ଆଦୌ ପରିଲକ୍ଷିତ ହେଉନାହିଁ । ୨୦୦୮ ମୁମ୍ୱାଇ ଆକ୍ରମଣ ପରେ ଉ.ପା ସରକାର ଆତଙ୍କବାଦ ବିରୋଧରେ ଲଢ଼େଇ କରିବାର ବାନା ଉଡ଼ାଇଥିଲେ ମଧ୍ୟ ପ୍ରଧାନ ମନ୍ତ୍ରୀ ଡ଼ଃ ମନମୋହନ ସିଂହ ଇଜିପ୍ଟର ସରମ-ଇଲ-ଶେଖ ସହରରେ ଭାରତ ଭଳି ପାକିସ୍ତାନ ମଧ୍ୟ ଆତଙ୍କବାଦର ଶିକାର ହୋଇ ବଳି ପଡୁଅଛି ବୋଲି କହିଥିଲେ । ଉ.ପା ସରକାର ଆଜି ପାକିସ୍ତାନଠାରୁ ଅନୁରୂପ ସାହାଯ୍ୟ ନପାଇ ମଧ୍ୟ ତାହ ଆଡ଼କୁ କେବଳ ଏକ ତରଫା ମିତ୍ରତାର ହାତ ବଢ଼ାଇ ଚାଲିଛି । ହେଲେ ଯେପର୍ଯ୍ୟନ୍ତ ସରକାର ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବେ ସେ ପର୍ଯ୍ୟନ୍ତ ଦେଶର କେଉଁ ନା କେଉଁ ସହର, ରେଳ, ବସ, ଆଦି ସ୍ଥାନ ମାନଙ୍କରେ ଦୁର୍ଘଟଣାମାନ ଘଟି ଚାଲିବ । କାରଣ ଆତଙ୍କବାଦ ନା ନୀତିଗତ ନା ଆଦର୍ଶଗତ କେଉଁ ଦୃଷ୍ଟିରୁ ଗ୍ରହଣୀୟ । ହେଲେ କଂଗ୍ରେସ ପାର୍ଟି ଭୋଟ ବ୍ୟାଙ୍କ ନୀତି ପାଇଁ ତାହାକୁ ସାମ୍ପ୍ରଦାୟିକ ରଙ୍ଗ ଦେଇ ଜୀବିତ କରି ରଖିଅଛି । ଗୃହ ମନ୍ତ୍ରୀ କିନ୍ତୁ ଆତଙ୍କବାଦକୁ ଗୈରିକ ରଙ୍ଗ ଦେଇ ଭିନ୍ନ ମୋଡ଼ ଦେବାକୁ ଚାହିଁଛନ୍ତି । ଏହା ମଧ୍ୟ କଂଗ୍ରେସ ସରକାରର ଏକ ଚାଲ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାହା ବାଟଲା ହାଉସ ଏନକାଉଣ୍ଟର ହେଉ ବା ୨୬.୧୧. ମୁମ୍ୱାଇ ଆକ୍ରମଣରେ ଆର.ଏସ.ଏସ ର ଷଡ଼ଜନ୍ତ୍ର କଥା ହେଉ । କଂଗ୍ରେସର ଜନୈକ ବରିଷ୍ଠ ନେତା ଜଣେ ଦୋଷୀର ଗ୍ରାମକୁ (ଆଜାମ ଗଡ଼, ଉତ୍ତର ପ୍ରଦେଶର) ଅନୁକମ୍ପା ଜଣାଇବାକୁ ଯାଇଥିଲେ । ମାତ୍ର ପାକିସ୍ତାନ ସେନା ଦ୍ୱାରା ଯେଉଁ ସୈନିକ ମାନଙ୍କର ଶିରଚ୍ଛେଦ

କରାଯାଇଥିଲା ସେମାନଙ୍କ ପାଖକୁ ଯିବାକୁ ପାଶୋରି ଯାଇଥିଲେ । ମୁଁ, ସୁଷମା ଜୀ ଓ ନୀତିନ ଜୀ ସେଠାକୁ ଯାଇ ସେଠାକାର ଦାରୁଣ ଅବସ୍ଥା ଦେଖିଆସିଛୁ । ଉ.ପା ସରକାର ସବୁବେଳେ ଆତଙ୍କବାଦକୁ ହିନ୍ଦୁ ଆତଙ୍କବାଦ କହି ତାହା ବିରୋଧରେ ହେଉଥିବା ଲଢ଼େଇକୁ ଦୁର୍ବଳ କରିଦେଉଅଛନ୍ତି। ମାତ୍ର ସେହି ଉ.ପା ସରକାର ସମଝୋତା ଏକ୍ସପ୍ରେସ ବିସ୍ଫୋରଣରେ ସବିଶେଷ ତଥ୍ୟ ଦେଇଥିବାରୁ ଆମେରିକା ଲକ୍ସରକୁ ବ୍ୟାନ କରିଅଛି । ବି.ଜେ.ପି କିନ୍ତୁ ଆତଙ୍କବାଦକୁ କୌଣସି ପ୍ରକାରର ରଙ୍ଗ ଦେବାକୁ ତୀବ୍ର ବିରୋଧ କରେ । ଗୃହମନ୍ତ୍ରୀ କହିଥିଲେ କି, ବି.ଜେ.ପି ଓ ଆର.ଏସ.ଏସ ନିଜ ତାଲିମ ଶିବିରରେ ଆତଙ୍କବାଦୀ ମାନଙ୍କୁ ତାଲିମ ଦେଉଅଛି । ଆଗକୁ ପଛକୁ ବିଚାର ନକରି ଏପରି କହିବା ଦ୍ୱାରା ପାକିସ୍ତାନ ଭଳି ଆତଙ୍କବାଦୀ ରାଷ୍ଟ୍ର ମଧ୍ୟ ଭାରତକୁ ଆତଙ୍କବାଦୀ ରାଷ୍ଟ୍ର ରୂପେ ଘୋଷଣା କରିବାକୁ ଆଦୌ ପଶ୍ଚାତପଦ ହେବ ନାହିଁ । ଉ.ପା ସରକାରଙ୍କର ଭୂଲର ପାଉଣା ସମଗ୍ର ଦେଶକୁ ଦେବାକୁ ହେଉଅଛି । ତେଣୁ କଂଗ୍ରେସ ସରକାର ନା ନୀତି ଦୃଷ୍ଟିରୁ ନା ଆଦର୍ଶ ଦୃଷ୍ଟିରୁ ଆତଙ୍କବାଦ ବିରୋଧରେ ଲଢ଼େଇ କରିବାକୁ ସମର୍ଥ । ଉ-ପୂ ଭାରତରେ ଯେଉଁଭଳି ଗତିରେ ବେଆଇନଗତ ଅନୁପ୍ରବେଶ ହେଉଅଛି ତାହା ଭାରତର ଆଭ୍ୟନ୍ତରୀଣ ସୁରକ୍ଷାର ଭିତ୍ତିଭୂମିକୁ ଦୋହଲାଇ ଦେଉଅଛି । ତାହା ସେଠାକାର ଭୌଗୋଳିକ ନକ୍ସାକୁ ଖାଲି ପରିବର୍ତ୍ତନ କରୁନାହିଁ ବରଂ ହିଂସାତ୍ମକ ଉପାୟରେ  ସେଠାକାର ପ୍ରାକୃତିକ ସମ୍ପଦ ଓ ଅର୍ଥନୀତିକୁ ମଧ୍ୟ ଲୁଣ୍ଠନ କରିଚାଲିଛି । ସେଠି ହିନ୍ଦୁ ଓ ମୁସଲିମ ଉଭୟେ ଆକ୍ରାନ୍ତ ଅଟନ୍ତି । ମାନ୍ୟବର ସୁପ୍ରିମ କୋର୍ଟ ମଧ୍ୟ ନିଜ ରାୟରେ ଆଇ.ଏମ.ଡ଼ି.ଟି ଆକ୍ଟ ସମ୍ପର୍କରେ କହିଥିଲେ କି ଏହା ପୂରାପୂରି ଭାବରେ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ହେଉଅଛି । ତେଣୁ ଯଥା ଶୀଘ୍ର ଏହି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ତାଙ୍କୁ ନିଜ ଦେଶକୁ ପଠାଇବା ଆବଶ୍ୟକ । ଉକ୍ତ ଅଞ୍ଚଳରେ ନାଗରିକ ପଞ୍ଜିକରଣ ତାଲିକା ରହିବା ସହ ବିଦେଶ ସହ ଏକ ସୀମା ପ୍ରାଚୀର ମଧ୍ୟ ରହିବା ଆବଶ୍ୟକ । ଖାଲି ଆସାମ କାହିଁକି ଆଜି ପଶ୍ଚିମ ବଙ୍ଗର ୨୪ ଟି ପ୍ରଗଣା ଜିଲ୍ଲାରେ ଓ ଅନ୍ୟ ଦୁଇଟି ରାଜ୍ୟରେ ଭାରତୀୟ ଓ ଅଣ ଭାରତୀୟଙ୍କ ମଧ୍ୟରେ ହିଂସାତ୍ମକ କାଣ୍ଡମାନ ଘଟି ଚାଲିଛି । ରିଫର୍ମିଂ  ସିକ୍ୟୁରିଟି ସିଷ୍ଟମ ୨୦୦୧ ର ତଥ୍ୟ ଅନୁଯାୟୀ ଭାରତର ଅଧାକୋଟି ଜନତା ବାଙ୍ଗଲାଦେଶୀ ଅଟନ୍ତି । ତେବେ ଉକ୍ତ ୧୨ ବର୍ଷ ମଧ୍ୟରେ ତାହାର ସଖ୍ୟା ସମସ୍ତେ ଅନୁମାନ କରିପାରୁଥିବେ । ସେମାନେ ଆସାମଠାରୁ ତ୍ରିପୁରା, ମେଘାଳୟ ଓ ଅରୁଣାଞ୍ଚଳ ଆଦି ରାଜ୍ୟ ପର୍ଯ୍ୟନ୍ତ ପରିବ୍ୟାପ୍ତ । ତେଣୁ ଦେଶ ସୁରକ୍ଷା ପାଇଁ ବେଆଇନଗତ ଅନୁପ୍ରବେଶକୁ ରୋକିବା ନିହାତି ଜରୁରୀ ।

ନକ୍ସଲ ସମସ୍ୟା ମଧ୍ୟ ଭାରତର ଆଭ୍ୟନ୍ତରୀଣ ସୁରକ୍ଷାକୁ ନଷ୍ଟ କରୁଅଛି । ଏଥିପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ସାହସର ସହ ଦୃଢ଼ ପଦକ୍ଷେପ ନେବା ଜରୁରୀ । ଉ.ପା ସରକାର ଇଣ୍ଟିଗ୍ରେଟେଡ଼ ଆକ୍ସନ ପ୍ଲାନ ଅନୁଯାୟୀ ସେଠାକାର ୭୮ଟି ଜିଲ୍ଲାକୁ ନକ୍ସଲ ପ୍ରଭାବିତ ବୋଲି ଗ୍ରହଣ କରାଯାଇଥିବା ବେଳେ ମୋଟ ୨୫୦ଟି ଜିଲ୍ଲା ନକ୍ସଲ ପ୍ରଭାବିତ ଅଟେ । ସେଠାକାର ସୁରକ୍ଷା ପାଇଁ ଯଥା ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିହାତି ଜରୁରୀ । ଏଥିପାଇଁ ଏକ ବଳିଷ୍ଠ ସଙ୍ଘୀୟ ନୀତିର ଆବଶ୍ୟକତା ରହିଅଛି । ସେଠାକାର ଆର୍ଥିକ, ସାମାଜିକ ପରିସ୍ଥିତିକୁ ଦୃଷ୍ଟି ଦେବା ସହ ସେଠାକାର ଅନୁନ୍ନତ ବର୍ଗଙ୍କ ଶିକ୍ଷା ପ୍ରତି ଗୁରୁତ୍ୱ ଦିଆଯିବା, ଚରମ ଓ ବାମପନ୍ଥୀ ମାନଙ୍କୁ ନିୟନ୍ତ୍ରଣ କରିବା ଆବଶ୍ୟକ । ଆତଙ୍କବାଦୀମାନେ ସାଧାରଣତଃ ଡ୍ରକ୍ସ ସ୍ମଗଲିଂରୁ ଆର୍ଥିକ ସାହାର୍ଯ୍ୟ ପାଇଥାଆନ୍ତି । ଜାତୀୟ କ୍ରାଇମ ବ୍ୟୁରୋ ର ୨୦୧୧ ତଥ୍ୟ ଅନୁଯାୟୀ ଭାରତର ମୋଟ ୨୮ ଲକ୍ଷ ଜନତା, ବିଶେଷ କରି ୧୫ ରୁ ୩୫ ବର୍ଷୀୟ ଡ୍ରକ୍ସର ଶିକାର ହୋଇଛନ୍ତି ।

୨୦୦୬ ମସିହା ପରଠାରୁ ବିଶେଷକରି ଉ.ପା ସରକାର କ୍ଷମତାରେ ଆସିବା ପରଠାରୁ ଭାରତରେ ଜାଲି ନୋଟ ଯେଉଁପରି ଭାବରେ ପରିବ୍ୟାପ୍ତ ହୋଇ ରହିଛି ତାହା ମଧ୍ୟ ଚିନ୍ତାର ବିଷୟ । ତଦନ୍ତକାରୀ ସଂସ୍ଥାର ତଥ୍ୟ ଅନୁଯାୟୀ ମୋଟ ୧୬ ହଜାର କୋଟି ଜାଲି ନୋଟ ଦେଶରେ ପରିବ୍ୟାପ୍ତ । ଯାହାକି ଦେଶ ପାଇଁ ଏକ ବିରାଟ ସମସ୍ୟା ।

ସେହିପରି ସାଇବର ଆତଙ୍କ ମଧ୍ୟ ଦେଶ ପାଇଁ ବିରାଟ ବିପତ୍ତି । ଯାହାକି ଭାରତର ଭବିଷ୍ୟତକୁ ଧ୍ୱଂସ କରିବାର ସ୍ପଷ୍ଟ ସୂନା ଦିଏ । ଅନୁସନ୍ଧାନ ଅନୁଯାୟୀ ୨୦୦୪ ମସିହାରେ ମାତ୍ର ୨୩ଟି ଘଟଣା ସାଇବର ଆତଙ୍କର ଶିକାର ହୋଇଥିବା ବେଳେ । ୨୦୧୧ ରେ ତାହାର ସଂଖ୍ୟା ୧୩,୩୦୧କୁ ପହଞ୍ଚିଛି । ଯାହାକୁ ଦେଖି ଉକ୍ତ ଆତଙ୍କର ବେଗ ନିରୂପଣ କରିହୁଏ । ଆଜି ଦେଶର ରେଳ, ଟ୍ରାଫିକ, ବିମାନ ବନ୍ଦର, ଷ୍ଟକ ଏକ୍ସଚେଞ୍ଜ ମିଲିଟାରୀ କମାଣ୍ଡ ଆଦି ଉକ୍ତ ଆକ୍ରମଣର ଶିକାର ହେବାର ସମ୍ଭାବନା ଦେଖାଯାଏ । ଗତ ବର୍ଷ ଇଣ୍ଟରନେଟ ମାଧ୍ୟମରେ ଯେପରି ଦେଶର ସଂଖ୍ୟା ଲଘୁ ଜନତାକୁ ପ୍ରବର୍ତ୍ତାଇ ଯାଇଥିଲା ତାହା ଦେଖି ସାଇବର ଆତଙ୍କର ପ୍ରଭାବ ସ୍ପଷ୍ଟ ଅନୁମାନ କରାଯାଏ ।

**ଏନ.ସି.ଟି.ସି**

ଜାତୀୟ ଉଗ୍ରପନ୍ଥୀ ନିରୋଧକ ସଂସ୍ଥା ହାଇଦ୍ରାବାଦର ବିସ୍ଫୋରଣ ପରେ କି କି ପଦକ୍ଷେପ ଗ୍ରହଣ କରିବ ତାହା ମଧ୍ୟ ଦୃଷ୍ଟାନ୍ତ ଯୋଗ୍ୟ ହେବା ଆବଶ୍ୟକ । ମାତ୍ର ସେଥିରେ ଦେଶର ସଙ୍ଘୀୟ ଢ଼ାଞ୍ଚା ଉପରେ କୁଠାରଘାତ ନହେବା ମଧ୍ୟ ଆବଶ୍ୟକ । ଦେଶ ଆତଙ୍କବାଦ ନେଇ ଯେଉଁ ପଦକ୍ଷେପମାନ ନେଇଅଛି ତାହାର ପୂର୍ବ ଉଦାହରଣ ମଧ୍ୟ ସେତେଟା ସ୍ୱଚ୍ଛ ନୁହେଁ । ଗୁଜୁରାଟ ଓ ମଧ୍ୟ ପ୍ରଦେଶ ଆଦି ରାଜ୍ୟର ଆତଙ୍କବାଦ ବିରୋଧୀ ବିଲ କେନ୍ଦ୍ର ପାଖରେ ସେମିତି ପଡ଼ି ରହିଛି । ଭାରତ ବିଶ୍ୱର ଏମିତି ଏକ ଦେଶ ଯାହା ପାଖରେ ଆତଙ୍କବାଦ ବିରୋଧରେ କୌଣସି ନୀତି ନିୟମ ହିଁ ନାହିଁ ।

**ବାହ୍ୟ ସୁରକ୍ଷା**

ଦେଶର ବାହ୍ୟ ସୁରକ୍ଷା ମଧ୍ୟ ଆଜି ବିପର୍ଯ୍ୟସ୍ଥ । କାରଣ ପ୍ରତିରକ୍ଷା କ୍ଷେତ୍ରରେ ଦୁର୍ନୀତି ପାଇଁ ଦେଶର ସେନା ବାହିନୀ ଆଜି ଯଥେଷ୍ଟ ସୁବିଧା ପାଇ ପାରୁନାହିଁ । ପୂର୍ବତନ ସେନା ମୁଖ୍ୟ ସେନାବାହିନୀର ଆବଶ୍ୟକତା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ ମଧ୍ୟ ସରକାର ସେଥିପ୍ରତି ଉଦାସୀନ ନୀତି ଅବଲମ୍ବନ କରିଚାଲିଥିଲେ । ବିମାନ କ୍ଷେତ୍ରରେ ମଧ୍ୟ ବହୁ ଉଡ଼ା ଜାହଜ ଜାନ୍ତ୍ରିକ ତ୍ରୁଟି ପାଇଁ ବ୍ୟବହାର ପାଇଁ ଅନୁପଯୁକ୍ତ । ଏପରି କ୍ଷେତ୍ରରେ ସରକାର ପ୍ରତିରକ୍ଷା ବଜେଟକୁ ହ୍ରାସ କରାଇବା ପରିବର୍ତ୍ତେ ବରଂ ତାହାକୁ ବୃଦ୍ଧି କରାଇବା ଜରୁରୀ ।

**ପଡ଼ୋଶୀ ଦେଶ**

ଭାରତର ଭୌଗୋଳିକ ପରିସ୍ଥିତି ଏପରି ଯେ ସେ ତାହାର ପଡ଼ୋଶୀ ରାଷ୍ଟ୍ର ପାଇଁ ତାହାର ସୀମା ବିରାଟ ଆତଙ୍କବାଦର କ୍ଷେତ୍ର ହୋଇଯାଇଛି । ପାକିସ୍ତାନ ସହ ଐତିହାସିକ ସମ୍ପର୍କ ସେତେଟା ଭଲ ନୁହେଁ ଏବଂ ଆଗାମୀ ଭବିଷ୍ୟତରେ ମଧ୍ୟ ତାହା ସୁଧୁରିବାର ମନେ ହୁଏ ନାହିଁ । ୨୦୧୪ ରେ ନାଟୋ ଆଫଗାନିସ୍ତାନ ଉପରୁ ସୁରକ୍ଷା ବାହିନୀ ହଟାଇବା ପରେ ସେ ମଧ୍ୟ ଭାରତ ପାଇଁ ବିପଦ ସୃଷ୍ଟି କରିବ । ତେଣୁ କେନ୍ଦ୍ର ସରକାର ଏହି ଆସନ୍ନ ବିପତ୍ତି କଥା ଚିନ୍ତା କରିଛନ୍ତି କି ? ବିଭିନ୍ନ ପ୍ରକାରର ଆତଙ୍କବାଦ ଘଟଣାରେ ପାକିସ୍ତାନ ପ୍ରତ୍ୟେକ୍ଷ ଭାବରେ ଜଡ଼ିତ ଥିବାର ପ୍ରମାଣ ଥାଇ ମଧ୍ୟ ପାକିସ୍ତାନ ନେଇ ତାହା ଯଥୋଚିତ ପଦକ୍ଷେପ ଗ୍ରହଣ କରିନାହିଁ ।

ପାକିସ୍ତାନ ଯେଭଳି ଭାବରେ ଆତଙ୍କବାଦୀଙ୍କୁ ତାଲିମ ଦେଇ, ଅସ୍ତ୍ର ଶସ୍ତ୍ର, ଜାଲି ନୋଟ ଓ ଡ୍ରଗ୍ସ ଯୋଗାଇ, ଇଣ୍ଟନେଟ ମାଧ୍ୟମରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରି ଏକ ବହୁ ପାର୍ଶ୍ୱିକ

ଷଡ଼ଜନ୍ତ୍ର ଚଳାଇଅଛି  ଆମକୁ ଦୃଢ଼ତାର ସହ ତାହାର ମୁକାବିଲା କରି ସମସ୍ୟାର ସମାଧାନ ଦେବାକୁ ହେବ । ମାତ୍ର ଦୁର୍ଭାଗ୍ୟର ବିଷୟ ହେଉଛି ଭାରତ ପାକିସ୍ତାନ ସହ ଏକ ଦୁର୍ବଳ ବୈଦେଶିକ ନୀତି ଆପଣାଉଛି । ଯେତେବେଳେ ପାକିସ୍ତାନ ଆମେରିକା ଉପରେ ଆକ୍ରମଣ କଲା ସେତେବେଳେ ଆମେରିକାର ରାଷ୍ଟ୍ରପତି ଦୋଷୀକୁ ଖୋଜି ବାହାରକରିବାକୁ ଦୃଢ଼ ସଂକଳ୍ପ କରି ଓସାମା ବିନ ଲାଦେନକୁ ସେହି ପାକିସ୍ତାନରେ ହିଁ ଖୋଜି ହତ୍ୟା କଲେ । ଯେତେବେଳେ ଇସ୍ରାଏଲ ଉପରେ ଆକ୍ରମଣ କରେ ତେବେ ଇସ୍ରାଏ ପ୍ରଧାନ ମନ୍ତ୍ରୀ ମଧ୍ୟ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ଆତଙ୍କବାଦୀକୁ ନିପାତ କରିବାକୁ ଅଗ୍ରସର ହୁଅନ୍ତି । ମାତ୍ର ଆମେମାନେ ଏପରି କୋମଳ ରାଷ୍ଟ୍ର ଯେକି ପାକିସ୍ତାନର କ୍ରମାଗତ ଆକ୍ରମଣ ପରେ ମଧ୍ୟ ଖାଲି ଏତିକି କହୁଛୁ କି ଆମେ ତୁମ ସହ କ୍ରିକେଟ ଖେଳିବୁ ନାହିଁ । ଏହାଠାରୁ ଦୁର୍ବଳ ବୈଦେଶିକ ନୀତି ବାସ୍ତବରେ ପୃଥିବୀ ବିରଳ । ଚାଇନାର କାର୍ଯ୍ୟ କଳାପ ଉପରେ ମଧ୍ୟ ଗମ୍ଭୀରତା ପ୍ରଦର୍ଶନ କରିବା ଜରୁରୀ । ଚାଇନା ବର୍ତ୍ତମାନ କରାଚୀ ନିକଟସ୍ଥ ଗଦ୍ୱାର ବନ୍ଦରରେ ଏକ ବିରାଟ ନୌସେନାର ପ୍ରଶାସନିକ ଦାୟିତ୍ୱ ଗ୍ରହଣ କରିଅଛି ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ୧୧,୦୦୦ ସୈନ୍ୟଙ୍କ ସେନା ବାହିନୀ ପ୍ରସ୍ତୁତ କରିଅଛି । ସେ ଏକଥା ଅସ୍ୱୀକାର କଲେ ମଧ୍ୟ ଏହା ସତ୍ୟ । କେବଳ ପାକିସ୍ତାନ କାହିଁକି ସେ ଶ୍ରୀଲଙ୍କାର ହାମବନଟୋଟା ବନ୍ଦରରେ ମଧ୍ୟ ଏକ ନୌସେନା ପ୍ରସ୍ତୁତ କରୁଅଛି । ମାଲଦୀପରେ ତାହାର କାର୍ଯ୍ୟକଳାପ ବ୍ୟବସାୟିକ ବୋଲି କୁହାଗଲେ ମଧ୍ୟ ତାହା ସନ୍ଦେହ ଜନକ । ସେ ସାଗରର ତିନି ପାର୍ଶ୍ୱରୁ ରହି ଭାରତକୁ ଘେରି ରହିଛି । ବ୍ରହ୍ମପୁତ୍ର ନଦୀରେ ଡ୍ୟାମ ତିଆରି ଘଟଣା ଚାଇନା ଅସ୍ୱୀକାର କଲେ ମଧ୍ୟ କୃତିମ ଉପଗ୍ରହ ତଥ୍ୟରୁ ଏହାର ସ୍ପଷ୍ଟ ପ୍ରମାଣ ମିଳେ । ବାଙ୍ଗଲାଦେଶକୁ ଯଥେଷ୍ଟ ଅସ୍ତ୍ରଶସ୍ତ୍ର ପ୍ରଦାନ କରିବା ଓ ଲାସାରୁ କାଠମାଣ୍ଡୁ ପର୍ଯ୍ୟନ୍ତ ଏକ ରାସ୍ତା ତିଆରି କରିବା ଆଦି ଚାଇନାର ପ୍ରତ୍ୟେକ କାର୍ଯ୍ୟ କଳାପକୁ ଗମ୍ଭୀରତା ସହକାରେ ଚିନ୍ତା କରିବା ଆବଶ୍ୟକ । ମାତ୍ର ଉ.ପା ସରକାର ପଦକ୍ଷେପ ନେବା ତ ଦୂର କଥା ଖାଲି ଏକ ନୀରବ ଦ୍ରଷ୍ଟା ସମ ରହିଛନ୍ତି ।

ବର୍ତ୍ତମାନ ଶ୍ରୀଲଙ୍କା ସହ ସମ୍ପର୍କ ମଧ୍ୟ ଭଲ ନାହିଁ । ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଥିବା ପକ୍ ପ୍ରଣାଳୀରେ ପ୍ରତ୍ୟେହ କିଛି କିଛି ମତ୍ସ୍ୟଜୀବୀ ଶ୍ରୀଲଙ୍କା ନୌସେନାର ଆକ୍ରମଣର ଶିକାର ହେଉଛନ୍ତି । ହେଲେ ଉ.ପା ସରକାର ସେ ନିରୀହ ଭାରତୀୟଙ୍କ ଜୀବନ ରକ୍ଷା ପାଇଁ କି କି ପଦକ୍ଷେପ ମାନ ଗ୍ରହଣ କରିଅଛି ? ଭାରତ ତାହାର କୂଟ ନୀତି ପ୍ରୟୋଗ କରି ତାମିଲ ଶରଣାର୍ଥୀଙ୍କ ଥଇଥାନ ପାଇଁ ସାମ୍ବିଧାନିକ ସଂଶୋଧନ ଆଣି ଏବଂ ତାମିଲ ମାନଙ୍କୁ କ୍ଷମତାରେ ଆଣିବାର ପ୍ରତିଶ୍ରୁତି

ଦେଇ ଶ୍ରୀଲଙ୍କାର କିଛି ନୀତି ନିୟମର ପରିବର୍ତ୍ତନ କରାଇବାକୁ ଚେଷ୍ଟା କରିବା ଆବଶ୍ୟକ । ତ୍ରୀଷ୍ଟା ଜଳ ବଣ୍ଟନ ଯୋଜନାରେ ଭାରତକୁ ୧୩,୦୦୦ ଏକର ଜମି ତ୍ୟାଗ କରିବାକୁ ହେଉଥିବା ବେଳେ ବାଙ୍ଗଲାଦେଶକୁ ମାତ୍ର ୩,୦୦୦ ଏକର ଜମି ତ୍ୟାଗ କରିବାକୁ ପଡୁଛି । ମାଲଦୀପ ହେଉ ବା ନେପାଳ ହେଉ ସବୁଠାରେ ଜନତା ସରକାରଙ୍କର ଦିଶାହୀନ ବୈଦେଶିକ ନୀତି ପାଇଁ ବଳି ପଡୁଛନ୍ତି ।

**ବୈଦେଶିକ ନୀତି**

ଯଦି ଭାରତକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଗଢ଼ାଯାଏ ତେବେ ତାହାର ବୈଦେଶିକ ନୀତିକୁ ଦୃଢ଼ ଓ ସୁଚିନ୍ତିତ କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ ଏନ.ଡ଼ି.ଏ ଶାସନ କାଳରେ ଶ୍ରୀ ଅଟଳ ଜୀଙ୍କ ନେତୃତ୍ୱ ସମୟରେ ଆମେ ପାରମାଣବିକ ପରୀକ୍ଷା କରି ବିଶ୍ୱରେ ପାରମାଣବିକ ଶକ୍ତିର ଅଧିକାରୀ ବୋଲି ମାନ୍ୟତା ପାଇପାରିଥିଲୁ । ଆମେରିକାର ରାଷ୍ଟ୍ରପତି ଓବାମା ପାର୍ଲିଆମେଣ୍ଟରେ କହିଥିଲେ କି, ଭାରତ କେବଳ ବିକାଶୋନ୍ମୁଖୀ ରାଷ୍ଟ୍ର ନୁହେଁ ବରଂ ତାହା ବିକାଶ ଶୀଳ ରାଷ୍ଟ୍ର ଅଟେ ଏବଂ ତାହାର ବିକାଶର ପ୍ରାରମ୍ଭ ହୋଇଥିଲା ୧୩.ମେ ୧୯୯୮ ମସିହାର ପୋଖରାନ ପରୀକ୍ଷଣରୁ । ଯାହାକି ଏନ.ଡ଼ି.ଏ ଶାସନ ସମୟର ଦୃଢ଼ ବୈଦେଶିକ ନୀତିର ସୂଚନା ଦିଏ । ସେ ସମୟରେ ମଧ୍ୟ ଦେଶର ବିକାଶ ହାର ୮.୪% ଥିଲା । ତାହା ବର୍ତ୍ତମାନ ହ୍ରାସ ପାଇ ୫% କୁ ପହଞ୍ଚିଛି । ଆଜି ବିଶ୍ୱଜୟୀ ହେବାକୁ ହେଲେ ଦେଶର ଅର୍ଥନୀତି ସହ ବୈଦେଶିକ ନୀତି, କୂଟନୀତି ଆଦି ସବୁ ଜିନିଷ ଏକାସାଙ୍ଗରେ ରହିବା ଆବଶ୍ୟକ । ବି.ଜେ.ପି ବୈଦେଶିକ ନୀତି ନେଇ ଯେଉଁଭଳି ଭାବରେ ଚିନ୍ତା କରେ ତାହା ନିଶ୍ଚିତ ଭାବରେ ଦେଶକୁ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ କରିପାରିବ । ଚାଇନା ଓ ଜାପାନକୁ ବାଦ ଦେଲେ  ବାକି କୋରିଆ, ବର୍ମା, ଥାଇଲ୍ୟାଣ୍ଡ, ଭିଏତନାମ, କମ୍ବୋଡ଼ିଆ, ଲାଓସ, ସିଙ୍ଗାପୁର, ମାଲେସିଆ, ଜାଭା, ସୁମିତ୍ରା ଓ ଇଣ୍ଡୋନେସିଆ ଆଦି ଦେଶ ସହ ଭାରତର ଖାଲି ରାଜନୈତିକ ବା ଭୌଗୋଳିକ ସମ୍ପର୍କ ନାହିଁ ବରଂ କେଉଁ ଆଦିମ ଯୁଗରୁ ଏକ ପରମ୍ପରାଗତ ସମ୍ପର୍କ ରହିଆସିଛି । ଆମକୁ ତାହାକୁ ବଜାୟ ରଖିବାକୁ ହେବ ।

**ଅର୍ଥନୈତିକ କୁପରିଚାଳନା**

ଶ୍ରୀ ଅଟଳ ଜୀଙ୍କ ମତରେ ଅର୍ଥନୈତିକ କୁଶାସନ ଓ ଭ୍ରଷ୍ଟାଚାର ଆଦି ଦେଶ ପ୍ରଗତୀ ପଥରେ ଗୋଟିଏ ଗୋଟିଏ ପ୍ରାଚୀର ସଦୃଶ । ଆଜି ଦେଶର ଜି.ଡ଼ି.ପି ହ୍ରାସ ପାଇଚାଲିଛି, ବିତ୍ତୀୟ

ନିଅଣ୍ଟ ବୃଦ୍ଧି ପାଉଛି, ବେରୋଜଗାରୀ ବୃଦ୍ଧି, ପୁଞ୍ଜି ନିବେଶ ହ୍ରାସ ପାଇଚାଲିଛି । ବାସ୍ତବରେ କହିବାକୁ ଗଲେ ଦେଶର ଅର୍ଥନୀତିର ସମ୍ମାନ ଆଜି ଭୂଲୁଣ୍ଠିତ ଅଟେ । ଖାଲି ମୁଦ୍ରାର ମୂଲ୍ୟ ଡ଼ଲାର ତୁଳନାରେ ହ୍ରାସ ପାଉନାହିଁ, ପୁଞ୍ଜିପତିମାନେ ମଧ୍ୟ ଭାରତ ଉପରୁ ଆସ୍ଥା ହରାଇ ବସିଛନ୍ତି । ଏନ.ଡ଼ି.ଏ ଶାସନ ସମୟରେ ବୈଦେଶିକ ପୁଞ୍ଜି ନିବେଶରେ ଚାଇନା ପରେ ଭାରତର ସ୍ଥାନ ଥିଲା ।

ମୁଁ ମନେ ପକାଇ ଦେଉଛି କି ୨୦୦୮ ନିର୍ବାଚନ ଇସ୍ତାହାର ଦେବା ବେଳେ ସେ ଶାସନରେ ଆସିବାର ୧୦୦ ଦିନ ମଧ୍ୟରେ ଦରଦାମ ନିୟନ୍ତ୍ରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର କ୍ଷମତାରେ ଆସିବାର ୯ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ଦରଦାମ ହୁ ହୁ ହୋଇ ବୃଦ୍ଧି ପାଇ ଚାଲିଛି । ବାଣିଜ୍ୟ ମନ୍ତ୍ରାଳୟର ପରିସଂଖ୍ୟାନ ଅନୁଯାୟୀ ୨୦୧୩ ଜାନୁଆରୀ ରେ ମୁଦ୍ରାସ୍ଫୀତୀ *୬.୬୨* % ଅଟେ । ଗତ ୮ ମାସ ମଧ୍ୟରେ ତାହା ସବୁଠାରୁ ନିମ୍ନତମ ବୋଲି ସରକାର ଦାବି କରୁଛନ୍ତି । ବାସ୍ତବରେ ଶିଳ୍ପାଞ୍ଚଳର ଯଥେଷ୍ଟ ଯୋଗାଣ ଅଭାବରୁ ସେଠାରେ କିଛି ପଦାର୍ଥର ଦରଦାମ ହ୍ରାସ ପାଇଅଛି । ମାତ୍ର ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ପାଇ ଚାଲିଛି । ତେଣୁ ଖାଉଟି ମାନଙ୍କର ମୂଲ୍ୟ ସୂଚୀ ୧୧.୮୮% ହେବା ପ୍ରତ୍ୟେକ୍ଷ ଭାବରେ ସାଧାରଣ ମଣିଷକୁ ହିଁ ପ୍ରଭାବିତ କରିବ । ଅର୍ଥମନ୍ତ୍ରୀ ପ୍ରକାଶ କରିଛନ୍ତି କି, ବିତ୍ତୀୟ ନିଅଣ୍ଟ ୫.୨% ହୋଇଥିବାରୁ ସେମାନେ ବାଧ୍ୟ ହୋଇ ଗ୍ୟାସ ଓ ଡ଼ିଜେଲର ସବସିଡ଼ିକୁ ହ୍ରାସ କରିଛନ୍ତି । ହେଲେ  ଭାରତର ପେଟ୍ରୋଲ ଦରରେ ଖାଲି ଆମେରିକାଠାରୁ ନୁହେଁ ବରଂ ଶ୍ରୀଲଙ୍କା ଓ ପାକିସ୍ତାନଠରୁ ମଧ୍ୟ ଦର ଅଧିକ । ତେବେ ଏଥିପାଇଁ ଦାୟୀ କିଏ ? ଏହି ପେଟ୍ରୋଲ ଦର ବୃଦ୍ଧି ଦେଶର ମଧ୍ୟ ବିତ୍ତ ପରିବାରକୁ ଅଧିକ ଭାବରେ ଆକ୍ରାନ୍ତ କରିବ ଏହା ନିଃସନ୍ଦେହ ।

ନୂତନ ବଜେଟରେ ଦରଦାମ ନିୟନ୍ତ୍ରଣ, ଅର୍ଥନୀତକୁ ଦୁଃସ୍ଥ ଅବସ୍ଥାରୁ ମୁକ୍ତ କରିବା, ଓ କୃଷି କ୍ଷେତ୍ର ଆଦି ସମ୍ବନ୍ଧରେ କୌଣସି ପଦକ୍ଷେପ ନାହିଁ । ଦେଶର ଉ-ପୂ ଅଞ୍ଚଳକୁ ଆବଶ୍ୟକତାଠାରୁ କମ ଅର୍ଥ ଯୋଗାଇ ଦିଆଯାଉଛି । ରେଳ ବଜେଟର ଯାତ୍ରୀ ଭଡ଼ାକୁ ପେଟ୍ରୋଲ ଓ ଡ଼ିଜେଲ ସହ ଏପରି ଭାବରେ ସଂଯୁକ୍ତ କରାଯାଇଅଛି ଯେପରି ତାହା ପୁଣି ଯାତ୍ରୀ ଭଡ଼ା କରାଇବାର ପୂର୍ବ ଆଭାଷ ଦିଏ । ସୁଧହାର ବୃଦ୍ଧି ପାଇବା ଫଳରେ ବହୁ ଶିଳ୍ପାଞ୍ଚଳ ଧ୍ୱଂସ ହେବା ସହ ଦେଶର ବେରୋଜଗାରୀ ବୃଦ୍ଧି ପାଇ ଚାଲିଛି।

**ଖୁଚୁରା ବ୍ୟବସାୟରେ ବିଦେଶୀ ପ୍ରତ୍ୟେକ୍ଷ ପୁଞ୍ଜି ନିବେଶ**

ଉ.ପା ସରକାର ସମସ୍ତ ପ୍ରକାରର ସାମାଜିକ ଓ ରାଜନୈତିକ ବିରୋଧ ସତ୍ତ୍ୱେ, କ୍ଷୁଦ୍ର ତଥା ମଧ୍ୟ ବିତ୍ତ ବ୍ୟବସାୟୀଙ୍କର ଫାଇଦାକୁ ଅଣଦେଖା କରି ଦେଶରେ ବିଦେଶୀ ପ୍ରତ୍ୟେକ୍ଷ ପୁଞ୍ଜି ନିବେଶ ପାଇଁ ଅନୁମତି ଦେଇଛନ୍ତି । ଯେଉଁଠିକି ଆମରିକାର ରାଷ୍ଟ୍ରପତି ସେଠାକାର ଜନତାଙ୍କୁ କ୍ଷୁଦ୍ର ବ୍ୟବସାୟୀଠାରୁ ଜିନିଷ କ୍ରୟ କରିବାକୁ ଅନୁରୋଧ କରୁଛନ୍ତି । ତେଣୁ ଏହା ଦ୍ୱାରା କ୍ଷୁଦ୍ର ତଥା ମଧ୍ୟମ ଧରଣର ବ୍ୟବସାୟୀ ନା ଚାଷୀ, ନା ରୋଜଗାର କେଉଁଥିରେ ଫାଇଦା ହେବ । ଯଦି ବି.ଜେ.ପି କେନ୍ଦ୍ରରେ ସରକାର ଗଠନ କରିବାର ସୁଯୋଗ ପାଏ ତେବେ ନିଶ୍ଚିତ ଭାବରେ ଏହିମାନଙ୍କ ସୁବିଧା ପ୍ରତି ଜନ୍‌ବାନ ହେବ ।

୨୦୦୮ ମସିହାର ଭାରତ-ଆମେରିକାର ପାରମାଣବିକ ଡ଼ିଲ ସମୟରେ ସରକାର ଜନତାକୁ ଦେଶର ଶକ୍ତି ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ । ମାତ୍ର ଦୀର୍ଘ ସାଢ଼େ ଚାରି ବର୍ଷ ମଧ୍ୟରେ ଜନତାଙ୍କୁ  କି ସୁବିଧା ମିଳିଅଛି ତାହା ସମସ୍ତଙ୍କୁ ଭଲ ଭାବରେ ଜଣା । ଗତ ବର୍ଷ ଜୁଲାଇ ମାସରେ ଶକ୍ତି କ୍ଷେତ୍ରର ଜାନ୍ତ୍ରିକ ତ୍ରୁଟି ଯୋଗୁ ସମଗ୍ର ଦେଶକୁ ଦୁଇ ଦିନ ଧରି ଅନ୍ଧକାର ମଧ୍ୟରେ ରହିବାକୁ ପଡ଼ିଥିଲା ।

**ଭ୍ରଷ୍ଟାଚାର**

୯ ବର୍ଷ ଶାସନ ମଧ୍ୟରେ ଉ.ପା ସରକାର ଭ୍ରଷ୍ଟାଚାରରେ ଏକ ନୁତନ ଇତିହାସ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଥି ମଧ୍ୟରେ ବର୍ତ୍ତମାନର ଅଗଷ୍ଟା ହେଲିକ୍ୟାପ୍ଟର ଡ଼ିଲ ଆଗ ଧାଡ଼ିରେ ରହିବ । ଯେଉଁଥିରେ ଉକ୍ତ ହେଲିକ୍ୟାପ୍ଟର କମ୍ପାନୀର ସି.ଇ.ଓ ଭାରତରୁ ଲାଞ୍ଚ ନେଇଥିବାରୁ ଇଟାଲୀରେ ଆରେଷ୍ଟ ହେଲେ ମାତ୍ର ସବୁଠାରୁ ଆଶ୍ଚର୍ଯ୍ୟକର ଘଟଣା ହେଉଛି ଉ.ପା ସରକାର ଜାଣନ୍ତି ନାହିଁ କି  କିଏ ସେ ବ୍ୟକ୍ତି ଭାରତରେ କମିଶନ ନେଇଅଛି । ନା ଜାଣି ଶୁଣି ମୌନତା ପ୍ରଦର୍ଶନ କରନ୍ତି ? ସରକାର ଗତ ୧୧ ମାସ ମଧ୍ୟରେ ମୌନତା ପ୍ରଦର୍ଶନ କରି ଉକ୍ତ କମ୍ପାନୀକୁ ଏକ ଶ୍ୱେତପତ୍ର ଦେଇଥିଲେ । ମାତ୍ର ବର୍ତ୍ତମାନ ସମସ୍ତ ଘଟଣା ଜନସାଧାରଣଙ୍କ ସମ୍ମୁଖକୁ ଆସିବା ପରେ ଯେଉଁ ଏନ.ଡ଼ି.ଏ  ଦୀର୍ଘ ୯ ବର୍ଷ ଧରି କ୍ଷମତାରେ ହିଁ ନାହିଁ ତାହାକୁ ଦୋଷ ଦେଇ ଚାଲିଛନ୍ତି । ଯଦି ସମସ୍ତ ପ୍ରକାରର ଦୁର୍ନୀତି ଏନ.ଡ଼ି.ଏ  ସମୟରେ ହିଁ ହୋଇଅଛି ତେବେ ଦୀର୍ଘ ୯ ବର୍ଷ ଧରି ଉ.ପା ସରକାର କଅଣ କରୁଥିଲେ ?

ପ୍ରତିରକ୍ଷା ମନ୍ତ୍ରୀ ପ୍ରକାଶ କରିଛନ୍ତି କି ନୀତି ନିୟମର ହାତ ସୁଦୂର ପ୍ରସାରୀ ଅଟେ । ମାତ୍ର ତାଙ୍କ ହାତ କେବେ କଅଣ ହେଲିକ୍ୟାପ୍ଟର ଡ଼ିଲ ସ୍ତରକୁ ପହଞ୍ଚିପାରିବ ? ଯଦି ବାସ୍ତବରେ ସରକାର ସାଧୁତାର ସହ ତଦନ୍ତ କରିବାକୁ ଚାହାନ୍ତି ତେବେ ଏକ ଏଫ.ଆଇ.ଆର ଦାଖଲ କରି ସି.ଆଇ. ଡ଼ି ମାଧ୍ୟମରେ ଉପଯୁକ୍ତ ତଦନ୍ତ ଆରମ୍ଭ କରନ୍ତୁ ।

କେବଳ ଉ.ପା ସରକାରର ଭ୍ରଷ୍ଟାଚାର ଯୋଗୁଁ ଆଇ.ଟି ର କେନ୍ଦ୍ର ବିନ୍ଦୁର ପରିଚୟ ପାଇଥିବା ଭାରତ ଆଜି ଭ୍ରଷ୍ଟ୍ରାଚାର ପାଇଁ ସର୍ବ ବିଦ୍ଦିତ ହୁଏ । ଟ୍ରାନ୍ସପରେନ୍ସି ଇଣ୍ଟରନେସନାଲ ବର୍ତ୍ତମାନ ଭାରତକୁ ଭ୍ରଷ୍ଟାଚାର ସମ୍ଭାବନା ତାଲିକାରେ ୯୪ ତମ ସ୍ଥାନ ଦେଇଥିବା ବେଳେ ପ୍ରଥମ ଥର ପାଇଁ ୨୦୦୭ ମସିହାରେ ତାହା ୧୮୦ଟି ଭ୍ରଷ୍ଟାଚାର ଯୁକ୍ତ ରାଷ୍ଟ୍ର ମଧ୍ୟରେ ତାହା ୭୨ ତମ ଥିଲା । ବିଶ୍ୱ ବ୍ୟାଙ୍କର ୧୮୩ଟି ରାଷ୍ଟ୍ର ମଧ୍ୟରେ ଏହାର ସ୍ଥାନ ମଧ୍ୟ ୧୩୨ ଅଟେ । ଏହାର ସ୍ଥାନ ହଣ୍ଡୁରାସ ଓ ଗାଜା ସ୍ଟ୍ରିପସ ପଛରେ ଓ ନାଇଜେରିଆ ଓ ସିରିଆ ଆଗରେ ରହିଅଛି । ମାୟାମ୍ମର, ସୁଦାନ, ଆଫଗାନିସ୍ତାନ, ସୋମାଲିଆ, ଉତ୍ତର କୋରିଆ ଆଦି ଦେଶ ଭ୍ରଷ୍ଟାଚାରର ସିଡ଼ିରେ ସବୁଠାରୁ ନିମ୍ନରେ ଅଛନ୍ତି । କଂଗ୍ରେସ ଦଳ ହିଁ ଉକ୍ତ ଭ୍ରଷ୍ଟାଚାର ପାଇଁ ଦାୟୀ ଅଟେ । ସେମାନେ ଆଜି ଆବ୍ରାହମ ଲିଙ୍କନଙ୍କ ଗଣତନ୍ତ୍ରର ସଂଗ୍ୟା ବଦଳାଇ ଦେଇଛନ୍ତି । ମନେହୁଏ ଯେପରି ଗଣତନ୍ତ୍ର ଭ୍ରଷ୍ଟାଚାରର, ଭ୍ରଷ୍ଟାଚାର ପାଇଁ ଓ ଭ୍ରଷ୍ଟାଚାର ଦ୍ୱାରା ପରିଚାଳିତ । ତେଣୁ ରାବଣ ରାମଙ୍କ ଦ୍ୱରା ନିହତ ହେବା, କଂସ କୃଷ୍ଣଙ୍କ ଦ୍ୱାରା ନିହତ ଓ ଓବାମା ଓସାମାଙ୍କ ଦ୍ୱାରା ନିହତ ହେବା ଭଳି କଂଗ୍ରେସ ସରକାର ମଧ୍ୟ ଭ୍ରଷ୍ଟାଚାର ପାଇଁ ଧ୍ୱଂସ ହେବ ।

ବର୍ତ୍ତମାନ ଯଦି ଆମେମାନେ ଅର୍ଥନୀତିର ଅପରଚୁନିଟି କଷ୍ଟ କଥା ଦେଖିବା ତେବେ ଯେଉଁ କୋଟି କୋଟି ଅର୍ଥ ଭ୍ରଷ୍ଟାଚାରରେ ନଷ୍ଟ ହୋଇଛି ତାହାର ମୂଲ୍ୟ ଆମ ଚିନ୍ତାଠାରୁ ବହୁତ ଅଧିକ ଅଟେ । କୋଇଲା ଆବଣ୍ଟନ, ଟୁ-ଜି ସ୍ପେକ୍ଟ୍ରମ, ଖାଦ୍ୟ ଶସ୍ୟ ଘୋଟାଲା ଆଦି ସମସ୍ତ ପ୍ରକାରର ଦୁର୍ନୀତିରେ ଯେଉଁ ଅର୍ଥ ଆତ୍ମସାତ ହୋଇଅଛି ତାହାକୁ ଯଦି ଉପଯୁକ୍ତ ବ୍ୟବହାର କରାଯାଇଥାଆନ୍ତା । ତେବେ ଦେଶର ଗ୍ରାମରୁ ସହର ମାନଙ୍କୁ ସୁନ୍ଦର ସଡ଼କମାନ ନିର୍ମାଣ କରାଯାଇପାରିଥାଆନ୍ତା । ସମସ୍ତ ଅଞ୍ଚଳ ମାନଙ୍କରେ ଯଥେଷ୍ଟ ଶକ୍ତି ଯୋଗାଣ ହୋଇଥାଆନ୍ତା, ହଜାର ହଜାର ଡ଼ାକ୍ତଖାନା ତଥା ଶିକ୍ଷାଞ୍ଚଳ ମାନ ସୃଷ୍ଟି ହୋଇପାରିଥାଆନ୍ତନ୍ତା, ପ୍ରତିରକ୍ଷା ବାହିନୀକୁ ଅସଂଖ୍ୟ ଆଧୁନିକ ଅସ୍ତ୍ର ଶସ୍ତ୍ର ଯୋଗାଯାଇ ପାରିଥାଆନ୍ତା । ତେଣୁ ମୁଁ କହିବାକୁ ଚାହୁଁଛି ଯଦି ଦେଶରେ ଭ୍ରଷ୍ଟାଚାର ନଥାଆନ୍ତା ତେବେ ଆମ ଦେଶ

ବିଶ୍ୱର ସବୁଠାରୁ ଶକ୍ତିଶାଳୀ ତଥା ଉନ୍ନତ ଦେଶ ଭାବେ ପରିଚିତ ହୁଅନ୍ତା । ଆଜିର ସାଧାରଣ ମଣିଷ ସରକାରଙ୍କର ଏହି ଭ୍ରଷ୍ଟାଚାଯୁକ୍ତ ନୀତି ପାଇଁ ଅତୀବ ମାତ୍ରାରେ ବିଦ୍ରୋହୀ ହୋଇ ଉଠିଛି ।

ଏନ.ଡ଼ି.ଏ ସରକାର ସମୟରେ ଦେଶର ବିକାଶ ହାର ୮% ରୁ ୯% ଓ ମୁଦ୍ରା ସ୍ଫୀତୀ ୪% ରୁ ୫% ଥିବା ବେଳେ ବର୍ତ୍ତମାନ ତାହା ଠିକ ଓଲଟା ଅର୍ଥାତ ବିକାଶ ହାର ୪% ରୁ ୫% ଓ ମୁଦ୍ରା ସ୍ଫୀତୀ ୮% ରୁ ୯% ହୋଇଅଛି । ହେଲେ ବି.ଜେ.ପି ବା ଏନ.ଡ଼ି.ଏ ଶାସିତ ରାଜ୍ୟ ମାନଙ୍କରେ ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ ଉନ୍ନତି ବିଧାନ ହୋଇଅଛି । ଆଜି ଚାଇନାର ଜି.ଡ଼ି.ପି ପାଖାପାଖି ୮.୫ ଟ୍ରିଲିୟନ ଡ଼ଲାର ଥିବା ବେଳେ ଭାରତର ମାତ୍ର ୧.୮ ଟ୍ରିଲିୟନ ଡ଼ଲାର ଅଟେ । ତେଣୁ ଚାଇନାକୁ ଲକ୍ଷ୍ୟରେ ରଖି ଆମକୁ ଆଗକୁ ବଢ଼ିବାକୁ ହେବ ।

ଆଜି କୃଷି କ୍ଷେତ୍ର ମଧ୍ୟ ଉ.ପା ସରକାରଙ୍କର ଭ୍ରଷ୍ଟାଚାରରୁ ବାଦ ଯାଇନାହିଁ । ମିଡ଼ିଆ ରିପୋର୍ଟ ଅନୁଯାୟୀ ୨୦୦୮ ମସିହାରେ ଚାଷୀ ମାନଙ୍କୁ ଋଣ ଦେବା ନାଆରେ କୋଟି କୋଟି ଅର୍ଥ ଆତ୍ମସାତ ହୋଇଅଛି । ଉକ୍ତ ଯୋଜନା ୩.୫ କୋଟି ଚାଷୀ ମାନଙ୍କ ପାଇଁ ହୋଇଥିବା ବେଳେ ସି.ଏ.ଜି ରିପୋର୍ଟ ଅନୁଯାୟୀ ମାତ୍ର ୯୦ ହଜାର ଚାଷୀମାନଙ୍କୁ ଋଣ ଦିଆଯାଇଛି । ତେଣୁ ଚାଷୀ ମାନଙ୍କ ନାମରେ ଯେଉଁ ଅର୍ଥ ଆତ୍ମସାତ କରାଯାଇଛି ସେଥିରେ ସଂପୃକ୍ତ ଦୋଷୀକୁ ଶୀଘ୍ର ଦଣ୍ଡ ଦେବାକୁ ମୁଁ ଏହି କାଉଁସିଲ ବୈଠକରେ ଦାବି କରେ ।

**ଚାଷୀ ଓ ଦଳିତ ଶ୍ରେଣୀ**

ଆଜି ଦେଶରେ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ଦେଖାଦେଇଛି । ଏକ ପ୍ରଖ୍ୟାତ ସମ୍ବାଦ ପତ୍ର ନିୟୁଓର୍କ ଟାଇମ୍ସରେ ଭାରତର ଏହି ବିକାଶ ହାର ନିମ୍ନଗାମୀ ହେବା ଘଟଣା ପ୍ରକାଶିତ ହୋଇଥିଲା । ଯାହାକି ଦେଶର ଦରିଦ୍ର ଜନତାଙ୍କୁ ଭାରାକ୍ରାନ୍ତ କରିଦେବ ବୋଲି ସେମାନେ ଚିନ୍ତା ବ୍ୟକ୍ତ କରିଛନ୍ତି । ଦୃଃଖର କଥା ଏହିକି ଯେଉଁମାନେ ନିୟୁଓର୍କରେ ବାସ କରୁଛନ୍ତି ସେମାନେ ଏଠାକାର ଦରିଦ୍ର ଜନତାର ଦୁଃଖକୁ ହୃଦୟଙ୍ଗମ କରି ପାରୁଛନ୍ତି ମାତ୍ର ନିକଟରେ ଦିଲ୍ଲୀରେ ଥାଇ ମଧ୍ୟ କିଛି ଲୋକ ଏପରି ଚିନ୍ତା କରି ପାରୁନାହାନ୍ତି । ସେମାନେ କେବଳ ଦାରିଦ୍ର୍ୟ ସୀମା ରେଖାକୁ ହିସାବ ପତ୍ର ମଧ୍ୟରେ ପ୍ରକାଶ କରୁଛନ୍ତି । ତେଣୁ ମୁଁ କ୍ଷମତାସୀନ ନେତା ମାନଙ୍କୁ ବିନତି କରୁଅଛି କି,

ସେମାନେ ଥରେ କେବଳ ହିସାବ ପତ୍ର ବା ଗଣିତ ଶାସ୍ତ୍ରଠାରୁ ଉର୍ଦ୍ଧ୍ୱକୁ ଯାଇ ଏକ ଦରିଦ୍ରର ଦୃଷ୍ଟିରେ ଚିନ୍ତା କରି ତାର ବାସ୍ତବ ପରିସ୍ଥିତିକୁ ହୃଦୟଙ୍ଗମ କରନ୍ତୁ ।

ଅର୍ଥମନ୍ତ୍ରାଳୟର ଏକ କମିଟି ପ୍ରକାଶ କରିଥିଲା କି ଦେଶର ୯୮% ଶିଳ୍ପାଞ୍ଚଳ ଅନୁନ୍ନତ ଅଞ୍ଚଳରେ ଅବସ୍ଥିତ । ମାତ୍ର ଏହି ଅଞ୍ଚଳମାନ ବ୍ୟାଙ୍କ ଋଣର ମାତ୍ର ୧.୪% ଲାଭ କରୁଛନ୍ତି । ଆମର ଚିନ୍ତା ଧରା ଏପରି ହେବା ଉଚିତ  ଯେପରିକି, କେବଳ ମଲ୍ଟି ନେସନାଲ କମ୍ପାନୀ ନୁହେଁ ବରଂ ବିକାଶର ଆଲୋକ ଗ୍ରାମର ଚାଷୀ, ରିକ୍ସାବାଲା, ଶ୍ରମିକ ତଥା ପ୍ରତ୍ୟେକ ସ୍ତରର ଜନତାଙ୍କ ପାଖରେ ପହଁଚି ପାରିବ । ମାତ୍ର ଉ.ପା ସରକାର ସେହି ଚାଷୀ ମାନଙ୍କୁ ହିଁ ଅବହେଳା କରିଚାଲିଛନ୍ତି । ଦେଖିବାକୁ ଗଲେ ଦେଶରେ ପ୍ରତି ୧୨ ଘଣ୍ଟାରେ ଜଣେ ଚାଷୀ ଆତ୍ମହତ୍ୟା କରୁଅଛି । ଦେଶର ୭୦% ଜନତା କୃଷି ଉପରେ ନିର୍ଭର କରୁଥିବା ବେଳେ ଚାଷୀମାନଙ୍କ ଏପରି ଅବସ୍ଥା ବାସ୍ତବରେ ବଡ଼ ଦୁଃଖଦ ଅଟେ । ଦେଶର ୫୮% ଚାଷୀ ଆଜି ଦାରିଦ୍ର୍ୟର ସୀମା ରେଖା ତଳେ ଅଛନ୍ତି । ୟୁରୋପ ଓ ଆମେରିକା ଆଦି ଦେଶରେ କୃଷି ପାଇଁ ଅଧିକ ସବସିଡ଼ି ଦିଆଯାଉଥିବା ବେଳେ ଭାରତରେ କୃଷିକୁ ଉତ୍ପାଦନ ବିହୀନ କ୍ଷେତ୍ର ବୋଲି କହି ସେମାନଙ୍କୁ କୃଷି ଛାଡ଼ି ଅନ୍ୟତ୍ର ଯିବା ପାଇଁ ଉତ୍ସାହିତ କରାଯାଉଛି । ଗତ ୧୦ ବର୍ଷ ମଧ୍ୟରେ କୃଷି ଉତ୍ପାଦନ ୧% ବିକାଶ ହାରରେ ସୀମିତ ଓ ଚାଷ ଜମି ଗତ ୩୦ ବର୍ଷ ମଧ୍ୟରେ ୧୨୫୦ ଲକ୍ଷ୍ୟ ଏକରରୁ ସାମାନ୍ୟ ମାତ୍ର ବୃଦ୍ଧି ପାଇନାହିଁ । ୨୦୧୧ ରେ ୪୫.୫% ଜନତା କୃଷି କ୍ଷେତ୍ରରେ ନିଯୁକ୍ତ ହୋଇଥିଲେ । ବାର୍ଷିକ କୃଷି ଉତ୍ପାଦନ ଗତ ୩୦ ବର୍ଷ ଧରି ୮% ହିଁ ରହିବା ମଧ୍ୟ ବାସ୍ତବରେ ବଡ଼ ଦୁଃଖଦ । ଯାହାକି ଅନ୍ୟ ଦେଶ ତୁଳନାରେ ଖୁବ ନଗଣ୍ୟ । ଅଷ୍ଟ୍ରେଲିଆର କୃଷି ଉତ୍ପାଦନ ୨୦୧୦ ମସିହାରେ ହେକ୍ଟର ପିଛା୧୦.୮ ଟନ ଚାଉଳ ଯାହାକି ଭାରତର ୩.୩ ଗୁଣ ।

ଭାରତର ଜନ ସଂଖ୍ୟାର ୪୦%ର ଦୁଇ ତୃତୀୟାଂଶ (୧୩ ରୁ ୩୫ ବୟସର) ଜନତା ଗ୍ରାମରେ ହିଁ ବାସ କରନ୍ତି । ତେଣୁ ଦେଶର ଯୁବଶକ୍ତିକୁ ଉନ୍ନତ କରିବା ସମୟରେ ସେହିମାନଙ୍କୁ ଅଣଦେଖା କରାଯାଇ ନପାରେ । ଭାରତ ଏକ ଉର୍ବର ତଥା ଜନ ବହୁଳ ରାଷ୍ଟ୍ର । ତେଣୁ ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଆମର ଅର୍ଥନୀତିକୁ  ଦୃଢ଼ କରି ତିଆରି କରିବା ଆବଶ୍ୟକ । ଅର୍ଥନୈତିକ ଉନ୍ନତିର ଦୌଡ଼ରେ ସବୁଠାରୁ ମୁଖ୍ୟ ଉପାଦାନ ହେଲା ଖାଦ୍ୟ ଶସ୍ୟ । ଆମ ପାଖରେ ସେହି ଶସ୍ୟ ଉତ୍ପାଦନ ପାଇଁ ବିଶାଳ କ୍ଷେତ୍ରମାନ ରହିଅଛି । ଦେଶର କୃଷି ଉତ୍ପାଦନ ଜନିତ ପୁଞ୍ଜି ବୃଦ୍ଧି ହେଲେ ହିଁ ଆମେ ଏକ ବିଂଶ ଶତାବ୍ଦୀରେ ସବୁଠାରୁ ଉନ୍ନତ ଦେଶ ହୋଇ ପାରିବା । ଯଦି ଆମକୁ କେନ୍ଦ୍ରରେ ଶାସନ

କରିବାର ସୁଯୋଗ ଦିଆଯାଏ, ତେବେ ନିଶ୍ଚିତ ଭାବରେ ଦେଶକୁ ଏକ ବୁଦ୍ଧିଜୀବୀ ବହୁଳ ଓ କୃଷି କୈନ୍ଦ୍ରିକ ବା କୃଷି ଉତ୍ପାଦନ ବହୁଳ ରାଷ୍ଟ୍ର ଭାବରେ ଗଢ଼ି ତୋଳିବୁ । ଯାହାକୁ ବି.ଜେ.ପି ବା ଏନ.ଡ଼ି.ଏ ଶାସିତ ରାଜ୍ୟ ସରକାରମାନେ ନିଜ ନିଜ ରାଜ୍ୟରେ କରୁଛନ୍ତି । ଗୁଜୁରାଟର ପ୍ରତ୍ୟେକ ଚାଷୀ ମାନଙ୍କ ପାଖରେ ଆଜି ମାଟିର ଗୁଣ ଦର୍ଶାଉଥିବା କାର୍ଡ଼ ରହିଅଛି । ସମସ୍ତଙ୍କୁ ସ୍ୱଚ୍ଛ ଜଳ ମିଳି ପାରୁଛି । ମଧ୍ୟ ପ୍ରଦେଶର କୃଷି ବିକାଶ ଆଜି ୧୮.୯୬% କୁ ପହଞ୍ଚିଛି । କର୍ଣ୍ଣାଟକ ରାଜ୍ୟର କୃଷି ବିକାଶ ହାର ମଧ୍ୟ ଖୁବ ଅଧିକ । ଉକ୍ତ ରାଜ୍ୟ ଗୁଡ଼ିକ ଚାଷୀ ମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ କରୁଛନ୍ତି । ଆମେ ଯଦି କେନ୍ଦ୍ରରେ ସରକାର ଗଢ଼ିବାର ସୁଯୋଗ ପାଉ, ତେବେ

- ଚାଷୀମାନଙ୍କୁ ଅତି କମ ଏମ.ଏସ.ପି ଦରରେ ଜିନିଷ ଯୋଗାଇ ଦେବୁ, ତାଙ୍କର ଆୟକୁ ସୁରକ୍ଷା ଦେବୁ, କୃଷି ଋଣର ବୀମାକରଣ କରାଇବୁ ।
-ଖାଦ୍ୟ ସୁରକ୍ଷା ବିଲକୁ ଲାଗୁ କରାଇବୁ ଓ ପି.ଡ଼ି.ଏସ କୁ ଛତିଶଗଡ଼ ରାଜ୍ୟ ଭଳି କରାଇବୁ ।
-ଏକ ଜାତୀୟ ଜଳ ନୀତି ଅବଲମ୍ବନ କରି ଚାଷୀ ମାନଙ୍କର ଜଳସେଚନ ସମସ୍ୟାକୁ ଦୂର କରିବୁ ।
-କୃଷି ଋଣ ନୀତିକୁ ପୁନଃଅବଲୋକନ କରାଇବୁ ।
-ଦୁଗ୍ଧ ଉତ୍ପାଦନ ତଥା ଡ଼ାଏରୀକୁ ଅଧିକ ଗୁରୁତ୍ୱ ଦେବୁ ।
-ପଞ୍ଜାବ ତଥା ହରିଆଣା ଆଦି ରାଜ୍ୟ ଯେଉଁଠି ଅଧିକ ସାର ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ନଷ୍ଟ ହେଉଅଛି ସେଠାରେ ସୁଲଭ ଦରରେ ମାଇକ୍ରୋ ନିଉଟ୍ରିଏଣ୍ଟ ଯୋଗାଇଦେବୁ ।
-ଏକ ସଙ୍ଘୀୟ ନିୟମ ମାଧ୍ୟମରେ ସୌରଶକ୍ତି, ପବନ ଶକ୍ତି ଓ ବାୟୋ ଗ୍ୟାସ ବ୍ୟବହାର କରି ଗ୍ରାମାଞ୍ଚଳକୁ ଶକ୍ତି ଓ ଜଳ ଯୋଗାଣ କରିବୁ ।
-ଜୈବିକ କୃଷିକୁ ଉନ୍ନତ କରି ସେଥିରୁ ଧାନ ଓ ଗହମ ଆଦି ସ୍ୱଦେଶୀ ଉପାୟରେ ଅମଳ କରିବୁ । ଯେଉଁଥିରେ କମ ଜଳ ଓ କେବଳ ଜୈବିକ ସାର ହିଁ ବ୍ୟବହୃତ ହେବ ।

**ନାରୀ ନିର୍ଯ୍ୟାତନା ବୃଦ୍ଧି**

ଗତ ଦୁଇ ମାସ ତଳେ ରାଜଧାନୀରେ ଯେଉଁ ଗଣ ଧର୍ଷଣ ଧଟଣା ଘଟିଗଲା ତାହା ଭାରତର ନୈତିକତାକୁ ପୂରାପୂରି ଦୋହଲାଇ ଦେଇଥିଲା । ମାତ୍ର ଜଷ୍ଟିସ ଜେ.ଏସ.ବର୍ମାଙ୍କ ଶୁଣାଣି ପରେ ମଧ୍ୟ ଏକ କମିଟି ଗଠନ କରାଯାଇ ତାହା ଉପରେ ବିଚାର

କରିବାକୁ କେନ୍ଦ୍ର ପରାମର୍ଶ ଦେଇଅଛି । ବି.ଜେ.ପି ମତରେ ନାରୀ ନିର୍ଯ୍ୟାତନା ବିରୋଧରେ ଦୃଢ଼ ପଦକ୍ଷେପ ନେଇ ହିଁ ଏହାକୁ ରୋକାଯାଇ ପାରିବ । ତାହା ସହ ପୋଲିସକୁ ସଶକ୍ତ କରାଇବା, ଜନ ଜାଗରଣ ମାଧ୍ୟମରେ ଯୁବପିଢ଼ୀକୁ ସଚେତନ କରାଇବା ତଥା ସେମାନଙ୍କର ନୈତିକ ଶିକ୍ଷା ଓ ସଂସ୍କାର ଉପରେ ମୂଳରୁ ଗୁରୁତ୍ୱ ଦେବା ଆବଶ୍ୟକ । କାରଣ ଭାରତର ଯୁବ ସମାଜ ମଧ୍ୟ ଆଜି ବିଦେଶରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଛନ୍ତି । ଝାଡ଼ଖଣ୍ଡ, ଛତିଶଗଡ଼, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ପଶ୍ଚିମ ବଙ୍ଗ ଓ ବିହାର ଆଦି ରାଜ୍ୟର ଯୁବ ସମାଜ ଆଜି ଦାରିଦ୍ର୍ୟ ଓ ବେକାରୀର ଶିକାର ହୋଇ ନକ୍ସଲ ପ୍ରଭାବରେ ପ୍ରଭାବିତ ହେଉଛନ୍ତି । ସେମାନଙ୍କ ବେକାରୀ ସୁଯୋଗ ନେଇ ଆତଙ୍କବାଦୀମାନେ ସେମାନଙ୍କୁ କୁପଥଗାମୀ କରାଉଛନ୍ତି । ତେଣୁ ସେମାନଙ୍କ ଶିକ୍ଷା ତଥା ରୋଜଗାର ପ୍ରତି ଧ୍ୟାନ ଦେବା ସହ ଯୁବ ସମାଜର ନୈତିକତା ଯାହା ଦିନକୁ ଦିନ ହ୍ରାସ ପାଇ ଚାଲିଛି ତାହାକୁ ବୃଦ୍ଧି କରାଇ ତାକୁ ଭାରତୀୟ ଆଦର୍ଶରେ ଉଦବୁଦ୍ଧ କରାଇବା ସରକାର ଓ ସମାଜ ଉଭୟର ପ୍ରଧାନ କର୍ତ୍ତବ୍ୟ ।

**ଶରଣାର୍ଥୀ**

ଭାରତରେ କିଛି ସଂଖ୍ୟାଲଘୁ ଶରଣାର୍ଥୀ କିଛି ଦିନ ଧରି ରହି ଆସୁଛନ୍ତି । ସେମାନଙ୍କ ପାଇଁ ଉପଯୁକ୍ତ ନୀତି ନିୟମର ଅଭାବ ଓ ପୁନଃ ଥଇଥାନ ବ୍ୟବସ୍ଥାର ଅଭାବ ଯୋଗୁ ତାଙ୍କୁ ଅନିଶ୍ଚିତ ବାତାବରଣରେ ରହିବାକୁ ପଡୁଅଛି । ତେଣୁ ଶରଣାର୍ଥୀ ଓ ଅନୁପ୍ରବେଶକାରୀ ମଧ୍ୟରେ ପାର୍ଥକ୍ୟ ଅନୁଧ୍ୟାନ କରି ସେମାନଙ୍କ ରକ୍ଷଣାବେକ୍ଷଣର ବନ୍ଦୋବସ୍ତ କରିବା ଆବଶ୍ୟକ । ଏହାହିଁ ଆମ ଜାତିର ମହାନତା । ସେ ଯୁଗେ ଯୁଗେ ଅନେକ ନିଷ୍ପେଷିତଙ୍କୁ ଶରଣ ଦେଇ ଆସିଛି । ମାତ୍ର ଶରଣାର୍ଥୀ ନାମରେ ଅନୁପ୍ରବେଶକୁ ପ୍ରଶ୍ରୟ ଦିଆଯାଇ ନପାରେ ।

**ଜାମ୍ମୁ ଓ କାଶ୍ମୀର**

ସେଠାରେ ଉଗ୍ରବାଦୀମାନେ ଯେପରି ଭାବରେ ପଞ୍ଚାୟତକୁ ଭାଙ୍ଗି ଗଣତନ୍ତ୍ରକୁ ନଷ୍ଟ କରୁଛନ୍ତି ବି.ଜେ.ପି ତାହାର ତୀବ୍ର ନିନ୍ଦା କରେ । ସେଠାକାର ସରକାର ପଞ୍ଚାୟତର ଆର୍ଥିକ ସାହାର୍ଯ୍ୟକୁ ଅଟକ ରଖିବା ସହ ସରପଞ୍ଚଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରୁନାହିଁ । ଗତ ବର୍ଷ ଉଗ୍ରପନ୍ଥୀମାନେ ବହୁ ସଂଖ୍ୟକ ସରପଞ୍ଚଙ୍କୁ ହତ୍ୟା କରି ସମସ୍ତଙ୍କୁ ଗାଦି ତ୍ୟାଗ କରିବା ପାଇଁ ସତର୍କବାଣୀ ଶୁଣାଇଥିଲେ । ତେଣୁ ଏସମ୍ପର୍କରେ ମୁଁ ପ୍ରଧାନ ମନ୍ତ୍ରୀଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଅଛି ।

ସେଠାକାର ବିଧାନ ସଭାର ୧୧୧ଟି ଆସନ ମଧ୍ୟରୁ ପାକିସ୍ତାନ ଅଧିକୃତ କାଶ୍ମୀରେ ଥିବା ଯୋଗୁ ୨୪ଟି ଆସନରେ ନିର୍ବାଚନ ହେଉନାହିଁ । ଏସମ୍ପର୍କରେ ମଧ୍ୟ ଚିନ୍ତା କରାଯିବା ଆବଶ୍ୟକ

**ତେଲେଙ୍ଗାନା ଏକ ସ୍ୱତନ୍ତ୍ର ରାଜ୍ୟ**

ଉ.ପା ସରକାର ସବୁବେଳ ପାଇଁ ତେଲେଙ୍ଗାନା ସମସ୍ୟାକୁ ଅଣଦେଖା କରିଆସିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରୀ ସେଠାକାର ଜନତାଙ୍କୁ ୨୮.ଜାନୁଆରୀ ମଧ୍ୟରେ ତେଲେଙ୍ଗାନାର ସମସ୍ୟାକୁ ସମାଧାନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିଜର ପ୍ରତିଶ୍ରୁତି ପୂରଣ କରିବା ଦିଗରେ ଆଦୌ ତତ୍ପର ହୋଇ ନଥିଲେ । ନକ୍ସଲ ଓ ସକ୍ରିୟ ଜୀହାଦୀ ଦଳ ଏହାକୁ ବିରୋଧ କରୁଥିବାରୁ ଆନ୍ଧ୍ର ପ୍ରଦେଶ ସରକାର ଖାଲି ନୀରବ ଦ୍ରଷ୍ଟା ସାଜିଅଛି । ଆମକୁ କେନ୍ଦ୍ରରେ ଶାସନ କରିବାର ସୁଯୋଗ ଦେଲେ ଆମେ ନିଶ୍ଚୟ ଉକ୍ତ ସମସ୍ୟାର ସମାଧାନ ଦେବୁ ।

**ଆମର ରାଜ୍ୟ ସରକାର**

ଅଟଳ ଜୀଙ୍କ ସ୍ୱଚ୍ଛ ସରକାର ସମଗ୍ର ଦେଶପାଇଁ ଏକ ଉଜ୍ଜଳ ସ୍ମୃତି ତଥା ଉକ୍ତ ସମୟ ଦେଶର ଏକ ସୁବର୍ଣ୍ଣ ଯୁଗ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଯାହାକୁ ଆମ ରାଜ୍ୟ ସରକାର ଗୁଡ଼ିକ ନିଜ ନିଜ ରାଜ୍ୟରେ ବଜାୟ ରଖିଛନ୍ତି ।

**ଛତିଶଗଡ଼**

ସେଠାକାର ଅର୍ଥନୈତିକ ସୁପରିଚାଳନା ପାଇଁ ଜି.ଡ଼ି.ପି ବୃଦ୍ଧି ପାଇବାରେ ଲାଗିଛି । ୨୦୦୯-୧୦ ରେ ସେଠାକାର ବିକାଶ ହାର ଦେଶର ସର୍ବାଧିକ ଅର୍ଥାତ ୧୧.୪୯% ଥିଲା । କୃଷି କ୍ଷେତ୍ରର ବିକାଶ ମଧ୍ୟ ଦେଶର ମୁଖ୍ୟ ୫ଟି ରାଜ୍ୟ ମଧ୍ୟରେ ଥିଲା । ସେଠାରେ ବ୍ୟକ୍ତି ପିଛା ୩୫୦ ରୁ ୧୫୪୭ ୟୁନିଟ ଶକ୍ତି ଯୋଗାଣ ହେଉଅଛି । ଏହାର ଖାଦ୍ୟ ସୁରକ୍ଷା ନିୟମ ଭାରତର ପ୍ରଥମ । ଏଠାକାର ୯୦% ଜନତାଙ୍କୁ ସୁଷମ ଖାଦ୍ୟ ଓ ପୁଷ୍ଟି ଯୋଗାଯାଉଅଛି । ପି.ଡ଼ି.ଏସ ରେ ମଧ୍ୟ ଏହା ଦୃଷ୍ଟାନ୍ତଯୋଗ୍ୟ ପଦକ୍ଷେପ ନେଇଅଛି ।

**କର୍ଣ୍ଣାଟକ**

ଏହା ଦକ୍ଷିଣ ଭାରତର ପ୍ରଥମ ବି.ଜେ.ପି ସରକାର । ଗତ ୪ ବର୍ଷ ମଧ୍ୟରେ ଏହା ଆଇ.ଟି, କୃଷି, ବିନିର୍ମାଣ କାର୍ଯ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଉନ୍ନତି ମୂଳକ କାର୍ଯ୍ୟ କରିଅଛି

। ଏହା ଚାଷୀମାନଙ୍କୁ ବିନା ସୁଧରେ ଋଣ ଦେବାରେ ଦେଶର ପ୍ରଥମ ରାଜ୍ୟ । ୨୦୧୧-୧୨ ରେ ଏହା ଏକ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନା କରିଅଛି । ଯେଉଁଥିପାଇଁ ତାହାକୁ କୃଷିରେ ଅଗ୍ରଣୀ ହେବା ପାଇଁ ନେସନାଲ ଲିଡ଼ରସିପ ଆୱାର୍ଡ଼ ଦିଆଯାଇଛି । ଏହା ମଧ୍ୟ ଦେଶର ପ୍ରଥମ ରାଜ୍ୟ ଯିଏ ରୋଜଗାରରେ ଦକ୍ଷତାର ବୃଦ୍ଧି ପାଇଁ କମିଶନ ଯୋଗାଉଅଛି । ସେଠାରେ ଆଗାମୀ ନିର୍ବାଚନରେ ପୁଣି ବି.ଜେ.ପି ଆସିବାର ମଧ୍ୟ ସମ୍ଭାବନା ରଖାଯାଏ ।

**ବିହାର**

ଏନ.ଡ଼ି.ଏ ଶାସନ ପରେ ବିହାରର ପରିସ୍ଥିତିରେ କି କି ପରିବର୍ତ୍ତନ ହୋଇଅଛି ତାହା ସମସ୍ତଙ୍କୁ ଭଲ ଭାବରେ ଜଣା । ଉକ୍ତ ସରକାର ବହୁ ପ୍ରଶଂସା ଯୋଗ୍ୟ କାର୍ଯ୍ୟ କରିଛନ୍ତି । ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ବିହାରର ବିକାଶ ହାର ସର୍ବାଧିକ, ୧୧.୯୫% ଅଟେ । ଏହା ଦେଶର ପ୍ରଥମ ରାଜ୍ୟ ଯେ କି ୧୮ଟି ବିଭାଗକୁ ଏକାଠି କରି ଏକ କୃଷି କ୍ୟାବିନେଟ ଗଠନ କରିଅଛି । ଏଠାକାର ନାଳନ୍ଦା ଜିଲ୍ଲାର ଜଣେ ଚାଷୀ ହେକ୍ଟର ପିଛା ୨୨ ଟନ ଧାନ ଉତ୍ପାଦନ କରି ବିଶ୍ୱ ରେକର୍ଡ଼ ସୃଷ୍ଟି କରିଛନ୍ତି ।

**ପଞ୍ଜାବ**

ପୂର୍ବ କଂଗ୍ରେସ ସରକାରଙ୍କ ଦ୍ୱାରା ଯେଉଁ ସାମ୍ପ୍ରଦାୟିକ ଦଙ୍ଗାର ବାତାବରଣ ସୃଷ୍ଟି ହୋଇଥିଲା ତାହାକୁ ଜୟ କରି ସେଠାରେ ସୁସ୍ଥ ବାତାବରଣ ସୃଷ୍ଟି କରିବାର ସମସ୍ତ କୃତିତ୍ୱ ହେଉଛି ସେଠାକାର ଏନ.ଡ଼ି.ଏ ସରକାରଙ୍କର । ବିନର୍ମାଣ କାର୍ଯ୍ୟ. କୃଷି, ତଥା ଶିଳ୍ପାଞ୍ଚଳର ପୂର୍ବ ରେକର୍ଡ଼ ସେହିପରି ବଜାୟ ରହିଅଛି । ଯାହାର ଫଳ ସ୍ୱରୂପ ଆମେ ପୁନର୍ବାର ନିର୍ବାଚନରେ ଜୟଯୁକ୍ତ ହୋଇଅଛୁ ।

**ମଧ୍ୟ ପ୍ରଦେଶ**

ଏଠାକାର ମୁଣ୍ଡ ପିଛା ଆୟ ବୃଦ୍ଧି ପାଇଅଛି । କୃଷି ବିକାଶ ହାର ମଧ୍ୟ ୧୯%କୁ ବୃଦ୍ଧି ପାଇଅଛି । ସେଠାରେ ୨୪ ଘଣ୍ଟା ଶକ୍ତି ଯୋଗାଣ ହେଉଛି । ଏହାର ଲଡ଼ଲୀ ଲକ୍ଷ୍ମୀ ଯୋଜନା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଅଛି । ଏହା ଏକ ପବ୍ଲିକ ସର୍ଭିସ ଗ୍ୟାରେଣ୍ଟି ଆକ୍ଟ ମାଧ୍ୟମରେ ଜନତାଙ୍କୁ ଏକ ସରକାରୀ ସେବା ଯୋଗାଉଅଛି । ୱାର୍ଡ଼ ବ୍ୟାଙ୍କ ଏହାର ପ୍ରଶଂସା କରିବା ସହ ମିଳିତ ଜାତିସଙ୍ଘ ଏହାର ସୁଶାସନ ପାଇଁ ପୁରସ୍କୃତ କରିଅଛି ।

**ଗୋଆ**

ସେଠାକାର ବି.ଜେ.ପି ସରକାର ମଧ୍ୟ ବିଭିନ୍ନ ପ୍ରକାରର ବିନିର୍ମାଣ ତଥା ଉନ୍ନୟନ ମୂଳକ କାର୍ଯ୍ୟ କରିଅଛି । ଏହା ଦେଶର ପ୍ରଥମ ରାଜ୍ୟ ଯାହା ପେଟ୍ରୋଲ ଓ ଡ଼ିଜେଲର ଦର ହ୍ରାସ କରିଅଛି । ଏହା ମଧ୍ୟ ଲଡ଼ଲୀ ଲକ୍ଷ୍ମୀ ଓ ଗୃହ ଆଧାର ଯୋଜନା ମାଧ୍ୟମରେ ନାରୀମାନଙ୍କୁ ସଶକ୍ତିକରଣ କରାଉଅଛି । ଏଠରେ ସମସ୍ତଙ୍କ ପାଖରେ ଇଲେକ୍ଟ୍ରୋନିକ ରାସନ କାର୍ଡ଼ ମାଧ୍ୟମରେ ଜନତାଙ୍କୁ ସୁବିଧା ଯୋଗାଉଅଛି । ଏଠାରେ ଗାଈ କିଣିବା ଦ୍ୱାରା ୯୦% ପର୍ଯ୍ୟନ୍ତ ସବସିଡ଼ି ମିଳିଥାଏ । ଏଠାରେ ମନୋହର ପ୍ରିକାରଙ୍କ ନେତୃତ୍ୱରେ ବିଧାନ ସଭାରେ ଏକ ଲୋକାୟୁକ୍ତ ବିଲ ପାଶ କରାଯାଇଛି ।

**ଗୁଜୁରାଟ**

ଏହାର ଉନ୍ନତି କେବଳ ଭାରତ କାହିଁକି ବିଶ୍ୱର ବ୍ରିଟେନ, ଆମେରିକା ଓ ୟୁରୋପ ଆଦି ସ୍ଥାନରେ ମଧ୍ୟ ପ୍ରଶଂସିତ । ଏହା ରାଜ୍ୟ ବାସିନ୍ଦାଙ୍କୁ ୨୪ ଘଣ୍ଟା ବିଜୁଳି ଓ ସ୍ୱଚ୍ଛ ଜଳ ଯୋଗାଣ କରୁଛି । ଗତ ୧୧ ବର୍ଷ ମଧ୍ୟରେ ଏହାର କୃଷି ବିକାଶ ହାର ୧୦% । ପ୍ରତି ଚାଷୀ ପାଖରେ ମାଟି ପରୀକ୍ଷଣ କାର୍ଡ଼ ରହିବା ସହ ଚିରଞ୍ଜିବୀ ଯୋଜନା ମାଧ୍ୟମରେ ଗର୍ଭବତୀ ମହିଳା ମାନଙ୍କୁ ମେଡ଼ିକାଲ ସୁବିଧା ଯୋଗାଯାଉଅଛି । ଆମେରିକା କଂଗ୍ରେସ ମତରେ ଗୁଜୁରାଟ ବି.ଜେ.ପି ପାଇଁ ଏକ ଗର୍ବ ।

**ଶ୍ରୀରାମ ସେତୁ**

ବର୍ତ୍ତମାନ କେନ୍ଦ୍ର ସରକାର ମାନ୍ୟବର ସୁପ୍ରିମ କୋର୍ଟକୁ ପି.କେ ପାଚୌରୀ କମିଟି ଦେଇଥିବା ମତାମତକୁ ରଦ୍ଦ କରିବାକୁ ପରାମର୍ଶ ଦେଇଛନ୍ତି । ଉକ୍ତ ରିପୋର୍ଟ ଅନୁଯାୟୀ ଆର୍ଥିକ ତଥା ପରିସଂସ୍ଥାନ ଦୃଷ୍ଟିରୁ ଉକ୍ତ ସେତୁକୁ ଭାଙ୍ଗିବା ସଠିକ ନୁହେଁ । ଯାହା ଫଳରେ ଭାରତୀୟ ସମୁଦ୍ରରେ ଉପଲବ୍ଧ ପ୍ରାକୃତିକ ସମ୍ପଦ ନଷ୍ଟ ହେବା ସହ ସୁନାମୀର ଆଶଙ୍କା ବୃଦ୍ଧି ପାଇବ ବୋଲି ବିଶେଷଜ୍ଞ ମାନେ ପ୍ରକାଶ କରିଛନ୍ତି । ତାହା ବ୍ୟତିତ ଉକ୍ତ ସେତୁ ଭାରତର ଏକ ପରିଚୟ ଅଟେ । ଏହାର ଧାର୍ମିକ ତଥା ପରମ୍ପରା ଗତ ଐତିହ ରହିଅଛି । କାରଣ ଦେଶକୁ ଆସେତୁ ହିମାଳୟ ବୋଲି ଏକ ସ୍ୱତନ୍ତ୍ର ପରିଚୟ ଦିଆଯାଏ । ମାତ୍ର ଉ.ପା ସରକାର ସେସବୁକୁ ଅଣଦେଖା କରି ରାମଙ୍କ ମହାତ୍ମ୍ୟକୁ ଅସ୍ୱୀକାର କରି ଦେଶକୁ ରାବଣ ରାଜ୍ୟରେ ପରିଣତ କରିବାକୁ ଚେଷ୍ଟା ଚଳାଇଛନ୍ତି । ହେଲେ ପ୍ରକୃତ ରାବଣର ରାଜ୍ୟ ଶ୍ରୀଲଙ୍କାରେ ମଧ୍ୟ ରାମଙ୍କ ଅସ୍ତିତ୍ୱକୁ ସମ୍ମାନ ଦିଆଯାଏ । ଅତ୍ୟାଚାରୀ ଇଂରେଜ ତଥା ନୃଶଂସ ଆଉରଂଜେବ ଆଦି ଯାହା

କରିନଥିଲେ ଉ.ପା ସରକାର ତାହାକୁ ମଧ୍ୟ କରିବାକୁ ପଶ୍ଚାତପଦ ହେଉ ନାହାନ୍ତି । ତାହା ସହ ସରକାର ଯୁକ୍ତି ବାଢୁଛନ୍ତି କି, ସେତୁ ସମୁଦ୍ର ଯୋଜନାରେ ୮୦୦ କୋଟି ଅର୍ଥ ବ୍ୟୟ ହୋଇଥିବାରୁ ତାହାକୁ ଆଗକୁ ବଢ଼ାଇବା ଜରୁରୀ ଅଟେ । ଆଜି ସରକାର ନିଜକୁ ଏକ ବ୍ୟବସାୟୀରେ ବଦଳାଇ ଦେଇଛନ୍ତି । ଅର୍ଥ ପାଇଁ ସାଧୁତା, ସ୍ୱପରିଚୟ ଏପରିକି ନିଜ ଭଗବାନଙ୍କୁ ମଧ୍ୟ ତ୍ୟାଗ କରିସାରିଲେଣି । ବି.ଜେ.ପି କ୍ଷମତାକୁ ଆସିଲେ ପ୍ରଥମେ ପାଚୌରୀ କମିଟିର ତଥ୍ୟକୁ ଅନୁମୋଦନ କରିବ । ଏଥିପାଇଁ ବିକଳ୍ପ ପନ୍ଥା ଖୋଜି ପାରେ ବା ଆବଶ୍ୟକ ସ୍ଥଳେ ପୂରା ସେତୁ ସମୁଦ୍ର ଯୋଜନାକୁ ବାତିଲ କରିପାରେ ମାତ୍ର ସେ ରାମ ସେତୁକୁ ଆଦୌ ଭାଙ୍ଗିବାକୁ ଦେବ ନାହିଁ । କାରଣ ଏହା ହିନ୍ଦୁ ମାନଙ୍କର ବିଶ୍ୱାସର ପ୍ରଶ୍ନ ।

**ହିନ୍ଦୁତ୍ୱ**

ଅଗଷ୍ଟ ମାସ ୨୦୦୯ ମସିହାରେ ଜଣେ ବିଦେଶୀ ଲେଖକ ଲେଖିଥିଲେ, ଆମେ ସମସ୍ତେ ହିନ୍ଦୁ । ଏକ ଆନ୍ତର୍ଜାତିକ ପତ୍ରିକାରେ ଏପରି ଲେଖା ଦେଖିଲେ ମନେ ହୁଏ ସେମାନେ ହିନ୍ଦୁ ଧର୍ମ ଗ୍ରହଣ କରିଛନ୍ତି । ମାତ୍ର ତାହା ନୁହେଁ ଆମେରିକାର କୋଟି କୋଟି ଜନତା ଆଜି ଶାକାହାରୀ ଖାଦ୍ୟ, ଯୋଗ, ଧ୍ୟାନ, ଆୟୁର୍ବେଦ ଆଦି ଅନୁସରଣ କରୁଛନ୍ତି କେବଳ କଅଣ ଈଶ୍ୱରଙ୍କୁ ପାଇବା ପାଇଁ ଏପରି କରୁଛନ୍ତି ତାହା ନୁହେଁ ବରଂ ଜଣେ ଅନ୍ୟ ଜଣଙ୍କୁ ଦେଖି ଆକର୍ଷିତ ହୋଇ ଏପରି କରୁଛନ୍ତି । ଏପରିକି ସେମାନେ ଆକର୍ଷିତ ହୋଇ ପୁନର୍ଜନ୍ମ ଓ ପୂଜା ପାଠରେ ମଧ୍ୟ ବିଶ୍ୱାସ କରୁଛନ୍ତି । ତେଣୁ ହିନ୍ଦୁତ୍ୱ ହେଉଛି ଜୀବନର ଏକ ଅବିରତ ଧାରା । ଯାହା ବିଭିନ୍ନ କ୍ଷେତ୍ରରୁ ବିଭିନ୍ନ ବ୍ୟକ୍ତି ବିଶେଷକୁ ନିଜ ଆଡ଼କୁ ଆକର୍ଷଣ କରେ । ୧୯୯୫ ମସିହାରେ ମାନ୍ୟବର ସୁପ୍ରିମ କୋର୍ଟ ମଧ୍ୟ ଏହିଭଳି ରାୟ ଦେଇଥିଲେ । ବାସ୍ତବରେ ଏହା ଅହିଂସା ଓ ଶାନ୍ତିର ବାହକ । ଯେ କି ସମଗ୍ର ବିଶ୍ୱକୁ ବୁଦ୍ଧ ଓ ଗାନ୍ଧୀଙ୍କ ଭଳି ମହାପୁରୁଷ ଅର୍ପଣ କରିଅଛି । ଯେଉଁଠି ମାନବ ଧର୍ମକୁ ଶ୍ରେଷ୍ଠ ମନାଯାଏ । ଯେଉଁଠି ଜୀବିତ ବା ମୃତରେ ମଧ୍ୟ ସ୍ୱର୍ଗୀୟ ସତ୍ତା ଉପଲବ୍ଧି କରାଯାଏ । ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କର ଏକାତ୍ମ ମାନବବାଦ ଆମ ଦଳର ଏକ ଆଦର୍ଶ ଅଟେ ।

**ହିନ୍ଦୁତ୍ୱ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟ**

ଭାରତ ବିଶ୍ୱର ଏପରି ଏକ ଦେଶ ଯେଉଁଠି ବିଭିନ୍ନ ଧର୍ମର ତଥା ଭିନ୍ନ ଭିନ୍ନ ମତ ପୋଷଣ କରୁଥିବା ବ୍ୟକ୍ତିମାନେ ନିର୍ଭୟରେ ବାସ କରନ୍ତି । ରୋମାନ କ୍ୟାଥୋଲିକ,

ପ୍ରୋଟେଷ୍ଟାଣ୍ଟ, ସେଭେନ୍ଥ ଡ଼େ ଆଡ଼ଭେଟିସ,ଇଭାନଜେଲିଷ୍ଟ ଙ୍କ ଇଷ୍ଟର୍ନ ଅରର୍ଥୋଡ଼କ୍ସ ଓ ସିରିଆନ ଚର୍ଚ୍ଚ ଦେଖିବାକୁ ମିଳିବା ସହ ଇସଲାମଙ୍କର ୭୨ ଫିର୍କା ଓ ସେମାନଙ୍କ ଅନୁସରଣକାରୀ ମଧ୍ୟ ଏଠାରେ ବାସ କରନ୍ତି । ଆଜି ପାର୍ଶିମାନେ କେବଳ ଭାରତରେ ହିଁ ଦେଖିବାକୁ ମିଳନ୍ତି । ତେଣୁ ଏହି ସର୍ବ ଧର୍ମର ସମନ୍ୱୟର ପଦ୍ଧତି ହେଉଛି ହିନ୍ଦୁତ୍ୱ । ଯାହାକି ଆମ ଭା.ଜ.ପାର ଆଦର୍ଶ । ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା ସମୟରେ ମୁଁ ବିଭିନ୍ନ ଗୋଷ୍ଠିର ପଞ୍ଚାୟତ ଡ଼କାଉଥିଲି । ସେତେବେଳେ ମୁଁ ଆରବ ଓ ପର୍ଶିଆ ମାଦ୍ରାସା ମାନଙ୍କର ମଧ୍ୟ ପଞ୍ଚାୟତ ଡ଼କାଉଥିଲି । ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ, ଯୁଗେ ଯୁଗେ ଭାରତ ଅନେକ ଅନୁପ୍ରବେଶକାରୀଙ୍କୁ ନିଜ ସହ ମିଶାଇଅଛି । ମାତ୍ର କେବେ ମଧ୍ୟ କେଉଁଠାକୁ ଅନୁପ୍ରବେଶ ପାଇଁ ଯାଇନାହିଁ । ଏହା ହିଁ ହିନ୍ଦୁତ୍ୱ ଯାହା ବିଶ୍ୱକୁ ଜୟ କରିବାକୁ ଚାହେଁ ନାହିଁ ବରଂ ବ୍ୟକ୍ତିର ହୃଦୟକୁ ଜୟ କରିବାକୁ ଚାହେଁ । ୧୯୫୦ ମସିହାରେ ଶ୍ରୀ ବାଜପେୟୀ ନିଜ ଭାଷଣରେ ହିନ୍ଦୁତ୍ୱକୁ ଏହିପରି ଭାବରେ ସ୍ପଷ୍ଟ କରିଥିଲେ ।

**ଭାରତର ଭବିଷ୍ୟତ ପାଇଁ ବି.ଜେ.ପି ର ଆବଶ୍ୟକତା**

ଆଜି ମୁଁ କହିବାକୁ ଚାହୁଁଛି ଯେ କଂଗ୍ରେସ ଦଳ ସ୍ୱାଧୀନତା ପୂର୍ବରୁ ପ୍ରତିଷ୍ଠା କରାଯାଇଥିବା ବେଳେ ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାକୁ ଦେଖି ପ୍ରତିଷ୍ଠା କରାଯାଇଅଛି । ତାହା ଊନବିଂଶ ଶତାବ୍ଦୀରେ ଚରମ ସ୍ଥାନରେ ପହଁଚିଥିବା ବେଳେ ବି.ଜେ.ପି ଏକବିଂଶ ଶତାବ୍ଦୀରେ ବାଜପେୟୀଙ୍କ ନେତୃତ୍ୱରେ ଏକ ସ୍ୱଚ୍ଛ ସରକାର ଗଠନ କରିଥିଲା । ତେଣୁ ଏହି ଏକବିଂଶ ଶତାବ୍ଦୀର ଆହ୍ୱାନକୁ ବି.ଜେ.ପି ଖୁବ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିବ । ସ୍ୱାଧୀନତା ପୂର୍ବରୁ ତିଆରି ହୋଇଥିବା କଂଗ୍ରେସ କେବେ ମଧ୍ୟ ତାର ଦାସତ୍ୱ ଭାବନାକୁ ପରିତ୍ୟାଗ କରିପାରିବ ନାହିଁ । ସେ ବହୁ କ୍ଷେତ୍ରରେ ଋଷିଆ ଓ ଆମେରିକା ଆଦି ରାଷ୍ଟ୍ରକୁ ଅନୁକରଣ କରି ନିଜ ପରମ୍ପରାଗତ ଜ୍ଞାନ ଗାରିମାକୁ ଅଣଦେଖା କରିଚାଲିଛି । ଆମେ ଯେଉଁ ବିଜ୍ଞାନ ଦୁନିଆଁରେ ବଞ୍ଚୁଛୁ ତାହା ପାଇଁ ଆମେ କଅଣ ଦାନ କରିଛୁ ? ସବୁଠାରୁ ଦୁଃଖର ବିଷୟ ଦୀର୍ଘ ଦିନ ଶାସନ ପରେ ମଧ୍ୟ କଂଗ୍ରେସ ଦେଶରେ ଏକ ଉନ୍ନତ ମାନର ବିଜ୍ଞାନ ଗବେଷଣାଗାର ପ୍ରତିଷ୍ଠା କରିପାରିନାହିଁ । କେବଳ ପରମାଣୁ ବୋମା ପାଇଁ ହିଁ ଆମେରିକା ବିଶ୍ୱର ଶକ୍ତିଶଳୀ ରାଷ୍ଟ୍ର ସାଜିଛି । ଆଜିର ବିଜ୍ଞାନ ଯୁଗର ମୋବାଇଲ ଫୋନଠାରୁ ଆରମ୍ଭ କରି ବିଭିନ୍ନ ଜିନିଷ ଡ଼ିଜିଟାଲ ସିଗନାଲରୁ ପ୍ରସ୍ତୁତ । ଯାହାକୁ କ୍ୱାଣ୍ଟମ ମେକାନିକ୍ସରୁ ଜାଣିପାରିବା । ମାତ୍ର ତାହାର

ପ୍ରତିଷ୍ଠାତା ଓ୍ୱେରନର ହାଇଜେନବର୍ଗ ତାଙ୍କ ଅନସର୍ଟେଣ୍ଟି ପ୍ରିନ୍ସିପଲରୁ ପାଇଥିଲେ । ହେଲେ ସବୁଠାରୁ ବିଚିତ୍ର କଥା ହେଲା ଉକ୍ତ ତଥ୍ୟ ସେ ୧୯୨୯ ମସିହାରେ ଭାରତକୁ ଆସି ରବୀନ୍ଦ୍ର ନାଥ ଟାଗୁରଙ୍କ ସହ ବିଭିନ୍ନ ଦର୍ଶନ ତତ୍ୱ ଓ ଥିଓରିଟିକାଲ ଫିଜିକ୍ସ ର ସାମଞ୍ଜସ୍ୟ ସମ୍ପର୍କରେ ଆଲୋଚନା କରି ଲାଭ କରିଥିଲେ । ଉକ୍ତ ଘଟଣାକୁ ହାଇଜେନବର୍ଗଙ୍କ ସହକର୍ମୀ ଅଷ୍ଟ୍ରିଆର ବୈଜ୍ଞାନିକ ଫ୍ରିଟଜଫ କାପ୍ରା ତାଙ୍କ ଅନକମନ ଓ୍ୱିସଡ଼ମ ପୁସ୍ତକର ୪୨-୪୩ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି । ଗତ ଜୁଲାଇ ମାସରେ ୟୁରୋପର ସି.ଇ.ଆର.ଏନ ଗବେଷଣାଗାରରେ ଯେଉଁ ବିଂଶ ଶତାବ୍ଦୀର ବିରାଟ ଅନୁସନ୍ଧାନ ଗଡ଼ସ ପାର୍ଟିକିଲ ଆବିଷ୍କୃତ ହୋଇଥିଲା ତାହାର ବୈଜ୍ଞାନିକ ନାମ ହିଗସ ବୋସନ । ମାତ୍ର ତାହାକୁ ଗତ ୭୦-୮୦ ବର୍ଷ ପୂର୍ବେ ଭାରତୀୟ ବେଜ୍ଞାନିକ ସତ୍ୟନ୍ଦ୍ର ନାଥ ବୋଷଙ୍କ ତଥ୍ୟରୁ ଉତ୍ସାହିତ ହୋଇ କରାଯାଇଥିଲା । ସତ୍ୟନ୍ଦ୍ର ବୋଷ ସବୁବେଳେ ଧ୍ୟାନରେ ରହି ପ୍ରତ୍ୟେକ ସମସ୍ୟାର ସମାଧାନ କରିବା ଘଟଣାକୁ ପ୍ରଖ୍ୟାତ ବୈଜ୍ଞାନିକ ନୀଲ ବୋର ମଧ୍ୟ ସ୍ୱୀକାର କରିଥିଲେ । ତେଣୁ ମୋ କହିବା କଥା ହେଉଛି ଆମ ପାଖରେ ଜ୍ଞାନ ଓ ଗାରିମା ବିଦ୍ୟମାନ । ହେଲେ ଗବେଷଣା ପାଇଁ କ୍ଷେତ୍ରର ଆବଶ୍ୟକତା ରହିଛି । ଯାହାଦ୍ୱାରା ଆମେ ସଫଳତାର ଶୀର୍ଷରେ ପହଁଚି ପାରିବୁ । ଯଦି ଆମେ ଶାସନକୁ ଆସୁ ତେବେ ଏହା ଉପରେ ନିଶ୍ଚୟ ଗୁରୁତ୍ୱ ଦେବୁ । ବିଜ୍ଞାନ ବଳରେ ବହୁ ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର ତିଆରିକରି ଦେଶକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ କରାଇବୁ ଓ ଦେଶର କୋଟି କୋଟି ଡ଼ଲାର ବଞ୍ଚିଯିବ । ଦେଶର ପୁରୁଣା ସଂସ୍କୃତି ଆୟୁର୍ବେଦ, ଯୋଗ ଧ୍ୟାନ, ପରିବେଶ ବିଜ୍ଞାନ ଓ ପାରମ୍ପାରିକ ଜ୍ଞାନ ବଳରେ ଏ ଦେଶ ନିଶ୍ଚିତ ଭାବରେ ବିଶ୍ୱରେ ଜଗତଗୁରୁ ଭାବରେ ପରିଚିତ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ ।

**ଅର୍ଥନୀତିର ବିକଳ୍ପ**

ଆଜି ଦେଶର ସାମ୍ୟବାଦ ପତନ ହେବା ବେଳେ ପୁଞ୍ଜିବାଦ ବୃଦ୍ଧି ପାଇଚାଲିଛି । ଗୌତମ ବୁଦ୍ଧଙ୍କର ସମ୍ୟକ ଚିନ୍ତା, ସମ୍ୟକ କର୍ମରୁ ଏହି କଥା ଶିକ୍ଷା କରିବା ଉଚିତ କି ଆମେ ପ୍ରତ୍ୟକ ଜିନିଷକୁ ଚରମ ଅବସ୍ଥା ପର୍ଯ୍ୟନ୍ତ ନନେଇ ବରଂ ମଧ୍ୟମ ଅବସ୍ଥାରେ ରଖିବା ଆବଶ୍ୟକ । ଯେକୌଣସି ଜିନିଷର ଚରମ ଅବସ୍ଥା ଆଦୌ ଗ୍ରହଣୀୟ ନୁହେଁ । ଦେଶରେ ଆମେ ପୁଞ୍ଜିବାଦକୁ ନା ଅଧିକ ବୃଦ୍ଧି କରାଇବାକୁ ଦେବା ନା  ସାମ୍ୟବାଦକୁ ଅଧିକ ତଳକୁ ଖସାଇବାକୁ ଦେବା । ଏ ଦୁଇଟିର ମଝିରେ ଥିବା ବିକଳ୍ପ ପନ୍ଥାକୁ ଆପଣାଇବା । ମହାତ୍ମା ଗାନ୍ଧୀଙ୍କର ୧୮୯୦ ମସିହାର

ପୁସ୍ତକରୁ ଜାଣିବାକୁ ପାଉ କି, ସେତେବେଳେ ମଧ୍ୟ ସେ କହୁଥିଲେ ଆମେ ଯଦି ପାଶ୍ଚାତ୍ୟଙ୍କୁ ଅନୁସରଣ କରିବା ନକମାଇବା ତେବେ ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ।

ଏକ ବିଂଶ ଶତାବ୍ଦୀ ପାଇଁ ବି.ଜେ.ପିର କେତୋଟି ଦୃଷ୍ଟିକୋଣ ହେଲା

-ଖର୍ଚ୍ଚ ଉପରେ ନଦେଇ ବରଂ ସଂଚୟ ଉପରେ ଅଧିକ ଗୁରୁତ୍ୱ ଦେବା ।

-ଦେଶରେ ମୌଳିକ ବିଜ୍ଞାନର ଗବେଷଣାଗାରମାନ ପ୍ରତିଷ୍ଠା କରିବା ।

-ପ୍ରତିରକ୍ଷା ସାମଗ୍ରୀର ଉତ୍ପାଦନ କ୍ଷେତ୍ରରେ ନିଜକୁ ଆତ୍ମ ନିର୍ଭରଶୀଳ କରାଇବା ।

-ଜୈବିକ କୃଷି, ଆୟୁର୍ବେଦ, ତଥା ପାରମ୍ପାରିକ ଜ୍ଞାନ କୌଶଳ ବ୍ୟବହାର କରି ନୂତନ ଜିନିଷମାନ ସୃଷ୍ଟି କରାଇବା ।

ଭାରତକୁ ବିଶ୍ୱର ସବୁଠାରୁ ବୁଦ୍ଧିଜୀବୀ ଓ କୃଷି ଉତ୍ପାଦନ ବହୁଳ ରାଷ୍ଟ୍ର ଭାବରେ ଗଢ଼ିବା ଦ୍ୱାରା ହିଁ ଦେଶର ବେକାରୀ, ବେରୋଜଗାରୀ, ଦାରିଦ୍ର୍ୟ, କ୍ଷୁଧା ଆଦି ଅଚିରେ ଦୂର ହୋଇ ଦେଶ ଉନ୍ନତିର ଶୀର୍ଷରେ ପହଞ୍ଚିପାରିବ ।

ବି.ଜେ.ପି ଯଦିଓ ଏକ ବିରାଟ ସଂସ୍ଥା ତଥାପି ତାହାକୁ ମୂଳରୁ ଚୂଳ ପର୍ଯ୍ୟନ୍ତ ସଶକ୍ତ କରିବା ପାଇଁ ବୁଥ କମିଟି ମାନ ଗଠନ କରାଯାଇଛି ।

ଭା.ଜ.ପା ଏପରି ଏକ ଦଳ ଯାହା ନିଜର ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କୁ ମାନ୍ୟତା ଦେଇଥାଏ । ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ଆତ୍ମ ବିଶ୍ୱାସ, ରାଜନୀତି ତଥା ସ୍ୱନିର୍ଭରଶୀଳତା ସେମାନଙ୍କର ଗୋଟିଏ ଗୋଟିଏ ପରିଚୟ ମଧ୍ୟ । ମହାତ୍ମା ଗାନ୍ଧୀଙ୍କ ମତରେ ଆମେ ସବୁବେଳେ ଭାବିବା ଦରକାର ନୁହେଁ କି ଆମେ କଅଣ କଅଣ କରିପାରିବା । ବରଂ ଆମକୁ ଏପରି ଭାବିବା ଦରକାର କି ଆମେ କଅଣ ନ କରିପାରିବା ? ତେଣୁ ଆମର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପାଖରେ ନକରିପାରିବାର ଶବ୍ଦ ନାହିଁ କହିଲେ ଚଳେ । କିନ୍ତୁ ସେଥିପାଇଁ ସେମାନଙ୍କୁ କେତୋଟି ବିଷୟ ଉପରେ ଧ୍ୟାନ ଦେବାକୁ ହେବ ।

-ବ୍ୟକ୍ତି ସ୍ତରରୁ ଆତ୍ମ ନିୟନ୍ତ୍ରଣ

-ସଙ୍ଘ ସ୍ତରରେ ସମସ୍ତଙ୍କ ମଧ୍ୟରେ ସମନ୍ୱୟ

-ସାମାଜିକ ସ୍ତରରେ ସେବା ଓ ସଂଘର୍ଷ

-ଜାତୀୟ ସ୍ତରରେ ନିରବଚ୍ଛିନ୍ନ ତ୍ୟାଗ

ମୋର ପୂରା ବିଶ୍ୱାସ କି ଆମର କାର୍ଯ୍ୟକର୍ତ୍ତାମାନେ ଉପରୋକ୍ତ ଗୁଣ ବଳରେ ଦେଶକୁ ଏକବିଂଶ ଶତାବ୍ଦୀରେ ଉନ୍ନତିର ଶୀର୍ଷରେ ପହଞ୍ଚାଇ ପାରିବେ । ଯେପରି ସ୍ୱୟଂ ହନୁମାନ ଏକା ଲଙ୍କା ଜୟ କରିବାକୁ ସମର୍ଥ ଥିଲେ ମଧ୍ୟ ତାଙ୍କ ବାନର ସେନା ତଥା ପ୍ରଭୁଙ୍କ ସମ୍ମାନ ଦୃଷ୍ଟିରୁ ଫେରିଯାଇ ସମସ୍ତଙ୍କ ସାଥୀରେ ଆସି ଲଙ୍କା ବିଜୟ କରିଥିଲେ ସେହିପରି ଆମ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ହନୁମାନଙ୍କ ଭଳି ପରାକ୍ରମୀ । ମାତ୍ର ଏହା ଆମ ଦେଶ ମାତୃକା ଓ ବାନର ସେନାର ସମ୍ମାନର ପ୍ରଶ୍ନ ହୋଇଥିବାରୁ ଆମକୁ ଲଢ଼େଇ କରି ଜିତିବାକୁ ହେବ ।

**ଆଗାମୀ ନିର୍ବାଚନ**

୨୦୧୩ ମସିହାଟି ଆମ ପାଇଁ ଅତ୍ୟନ୍ତ ଗୁରୁତ୍ତ୍ୱର । ଚଳିତ ବର୍ଷ ନଭେମ୍ବର ମାସରେ ମଧ୍ୟ ପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ଛତିଶଗଡ଼ ଓ ବୋଧହୁଏ ରାଜସ୍ଥାନର ମଧ୍ୟ ନିର୍ବାଚନ ହେବ । ଏହା ଆମ ପାଇଁ ଲୋକସଭା ନିର୍ବାଚନ ପୂର୍ବର ଶେଷ କାଉଁସିଲ ବୈଠକ । ଆମର ସମସ୍ତ କାର୍ଯ୍ୟକର୍ତ୍ତା ନିର୍ବାଚନ ପ୍ରସ୍ତୁତିରେ ବ୍ୟସ୍ତ । ତେଣୁ ସମସ୍ତଙ୍କୁ ଶୁଭ କାମନା କରି ମୁଁ ବକ୍ତବ୍ୟ ଶେଷ କରୁଛି ।

**ବନ୍ଦେ ମାତରଂ**